Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:278✦4 February 2026 (Wednesday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୭୮✦୪ ଫେବୃଆରୀ ୨୦୨୬ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ’ ଯୋଜନାର ଶୁଭାରମ୍ଭ

୨୦୧ କନ୍ୟାଙ୍କ ବ୍ୟାଙ୍କ ଖାତାକୁ ଗଲା ସହାୟତା ରାଶି

ବ୍ରହ୍ମପୁର, ୩/୨(ନି/ପ୍ର): ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ’ ଯୋଜନାର ଶୁଭାରମ୍ଭ । ଗଞ୍ଜାମ ଜିଲ୍ଲା ମାଥା ତାରାତାରିଣୀଙ୍କ ପୀଠରେ ଆରମ୍ଭ ହେଲା ଐତିହାସିକ ଯୋଜନା । ସମୂହିକ ବିବାହ କାର୍ଯ୍ୟକ୍ରମରେ ପହଞ୍ଚି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିଛନ୍ତି । ବିବାହ ମଣ୍ଡପରେ ପ୍ରାୟ ୨୦୧ ଯୋଡ଼ି ବର-କନ୍ୟା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ଏହି ଅବସରରେ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବିତିଟି ମାଧ୍ୟମରେ ୪୪ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପଠାଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସିଏମ୍ ମାଝୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ହିସାବରେ ନୁହେଁ, ମୁଁ ଜଣେ ପିତା ଏବଂ ଭାଇ ହିସାବରେ ଏଠାରେ ଉପସ୍ଥିତ ରହି ବିବାହ କାର୍ଯ୍ୟକ୍ରମରେ ସାମିଲ ହୋଇଛି । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ କରିବା ସରକାରଙ୍କ ସୌଭାଗ୍ୟ । ମହିଳାଙ୍କ ବିକାଶ ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ମହିଳାଙ୍କୁ ସମ୍ମାନ, ସାମାଜିକ ସୁରକ୍ଷା, ଯୌତୁକ ପ୍ରଥାକୁ ଲୋପ କରିବାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସହାୟକ ହେବ ବୋଲି ସିଏମ୍ ମାଝୀ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ରାଜ୍ୟର ସବୁ ଜିଲ୍ଲାକୁ ଏହି ଯୋଜନାରେ ସାମିଲ କରାଯିବ । ପ୍ରତ୍ୟେକ ପରିବାରର ଜଣେ ମହିଳାଙ୍କୁ ଏଥିରେ ସାମିଲ କରାଯିବ । ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ କରାଯିବ । କନ୍ୟା ବିବାହ ଯୋଜନାରେ ସିଧାସଳଖ ସେମାନଙ୍କ ଆକାଉଣ୍ଟକୁ ୪୫ହଜାର ଟଙ୍କା ପଠା ଯିବ । ଏହା କେନ୍ଦ୍ର ସରକାରଙ୍କ ‘ବେଟି ବଚାଓ, ବେଟି ପଢ଼ାଓ’ ଯୋଜନାର ଏକ ନିଦର୍ଶନ । ଏହାଛଡ଼ା ଆନିୟନ ବଜେଟରେ ମହିଳା ବିକାଶ ଓ ସୁରକ୍ଷା ପାଇଁ ୯ ଲକ୍ଷ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବଜେଟ-୨୦୨୬ରେ ମହିଳାଙ୍କ ପାଇଁ ୯.୪ ପ୍ରତିଶତ ବ୍ୟୟ ଅଟକଳ ରହିଛି । କନ୍ୟା ସନ୍ତାନର ସୁରକ୍ଷା ନିମନ୍ତେ ଏଭଳି ପବଣ୍ଡେପ ନିଆଯାଇଛି ବୋଲି ସିଏମ କହିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, କନ୍ୟା ଓ ବରର ବାପା-ମାଆଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଉତ୍ସାହିତ କରିବ । ଐତିହାସିକ ଯୋଜନା ସମାଜର ଲୁପ୍ତପ୍ରାୟ ରୋଜିବାରେ ସହାୟକ ହେବ । ସବୁ କ୍ଷେତ୍ରରେ ଝିଅ ମାନେ ଆଗୁଆ ଏବଂ ସଶକ୍ତ ହେବେ । ଆର୍ଥିକ ବୋଝ କମାଇବା ଏବଂ ଆର୍ଥିକ ସହାୟତା ପାଇଁ ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ’ ଯୋଜନା ବେଶ ସହାୟକ ହେବ । ଅନଗ୍ରସର ଝିଅ ମାନେ ଏହା ଦ୍ୱାରା ଉପକୃତ ହେବେ । ସାମାଜିକ ବ୍ୟବସ୍ଥାରେ ସୁଧାର ଆସିବ । ‘ସୁଭଦ୍ରା’ ଯୋଜନା ମାଧ୍ୟମରେ ଏକ କୋଟି ମହିଳାଙ୍କୁ ସାମିଲ କରିବାରେ ସରକାର ସକ୍ଷମ । ‘ସୁଭଦ୍ରା’ ଯୋଜନା ଏବଂ ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ’ ଯୋଜନା ମହିଳାଙ୍କୁ ଅଧିକ ସଶକ୍ତ କରିବ । ଏହା ଉତ୍ତରାନଙ୍କ ଆଶୀର୍ବାଦ ସେମାନେ ମାଆ-ବାପାଙ୍କ ପାଇଁ ଆଉ ବୋଝ ହୋଇ ରହିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ପଶ୍ଚିମବଙ୍ଗରୁ ଦିଲ୍ଲୀକୁ ସ୍ୱତନ୍ତ୍ର ବାହିନୀ ଡକାଇଲେ ମମତା
୨୨ ଜଣିଆ ରାପିଡ୍ ଆକ୍ସନ୍ ଫୋର୍ସ ଦିଲ୍ଲୀ ମୁହାଁ

କୋଲକତା,୩/୨ ଦିଲ୍ଲୀ ପୁଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରୁ ଦିଲ୍ଲୀକୁ ସ୍ୱତନ୍ତ୍ର ସୁରକ୍ଷା ବାହିନୀକୁ ଡକାଇବାକୁ ନିଷ୍ପତ୍ତି ନେଇଛନ୍ତି । ଜଣେ ଡିଏସ୍ ?ପି ରାଙ୍କ ଅଧିକାରୀଙ୍କ ନେତୃତ୍ୱରେ ୨୨ ଜଣିଆ ରାପିଡ୍ ଆକ୍ସନ୍ ଫୋର୍ସ (ଆରଏଏଫ୍)ଓ ପଶ୍ଚିମବଙ୍ଗ ପୁଲିସର ଏକ ସ୍ୱତନ୍ତ୍ର ଦଳ ବିମାନ ଯୋଗେ ଦିଲ୍ଲୀ ମୁହାଁ ହୋଇଛନ୍ତି । ଏଭଳି ପଦକ୍ଷେପ ପରେ, ମମତାଙ୍କ ମନରେ କି ପ୍ରକାର ଆଶଙ୍କା ଅଛି, ଯାହା ଯୋଗୁ ହଠାତ୍ ବଙ୍ଗ ଭବନର ସୁରକ୍ଷାକୁ ବୁଲେଟ୍‌ପ୍ରୁଫ୍ କରିବାର ଆବଶ୍ୟକତା ଅନୁଭବ କରାଗଲା, ସେ ବିଷୟରେ ମଧ୍ୟ ଏବେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି । ରିପୋର୍ଟ ଅନୁସାରେ, ମମତା ବାନାର୍ଜୀ ମଙ୍ଗଳବାର ଅପରାହ୍ନ ୪ଟାରେ ୧୮ ସାଲଥି ଆନେନ୍ୟୁର ବଙ୍ଗ ଭବନରେ ଏକ ହାଇ ଟି ପାର୍ଟିର ଆୟୋଜନ କରୁଛନ୍ତି । ସେଥିପାଇଁ ବୃଣମୂଳ କଂଗ୍ରେସର ସମସ୍ତ ସାଂସଦଙ୍କୁ ନିମନ୍ତ୍ରଣ କରାଯାଇଛି । ଏହା ପୂର୍ବରୁ, ମୁଖ୍ୟମନ୍ତ୍ରୀ ଅପରାହ୍ନ ୩ଟାରେ ବଙ୍ଗ ଭବନରେ ଏସ୍ ?ଆଇଆର୍ ପୀଡିତଙ୍କ ସହିତ ଏକ ସାମ୍ବାଦିକ ସମ୍ମିଳନୀ ମଧ୍ୟ କରିବେ । ମମତା ବାନାର୍ଜୀ ଓ ନିର୍ବାଚନ କମିସନଙ୍କ ମଧ୍ୟରେ ଚାଲିଥିବା ବିବାଦ ଏବେ ରାଜଧାନୀ ଦିଲ୍ଲୀରେ ପହଞ୍ଚିଛି । ସୋମବାର , ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏସ୍ଆଇଆର୍ ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ସହ ଏକ ବୈଠକ କରୁଥିବାବେଳେ ମଝିରୁ ଉଠି ଚାଲିଆସିଥିଲେ । ସେ କମିସନର ଅଧିକାରୀମାନଙ୍କ ବିରୋଧରେ ଅହଂକାରର ଅଭିଯୋଗ ଆଣି କହିଥିଲେ, ଆମ ପ୍ରତିନିଧିମଣ୍ଡଳକୁ ଅପମାନିତ କରାଯାଇଛି । ପଶ୍ଚିମବଙ୍ଗର ସ୍ୱତନ୍ତ୍ର ବାହିନୀ ଆଜି ବିକାଲିର ରାତିରେ ଦିଲ୍ଲୀରେ ପହଞ୍ଚିଛନ୍ତି। ସୂତ୍ର ଅନୁସାରେ, ମମତା ବାନାର୍ଜୀଙ୍କ ସୁରକ୍ଷା ଓ ଦିଲ୍ଲୀରେ ପଶ୍ଚିମବଙ୍ଗ ସରକାରୀ ସମ୍ପତ୍ତିର ସୁରକ୍ଷା ପାଇଁ ଅତିରିକ୍ତ ବାହିନୀ ମୁତୟନ କରାଯାଇଛି ।

ଖାଇକୁ ଖସିଲା ବସ୍, ୩ ମୃତ

ନୂଆଦିଲ୍ଲୀ,୩/୨: ଉତରାଖଣ୍ଡ ଡେରାଡୁନରେ ଅଘଟଣ । ଖାଇକୁ ଖସିଲା ଯାତ୍ରୀବାହୀ ବସ୍ । ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଆହତ ହୋଇଛନ୍ତି । ମୃତଙ୍କ ମଧ୍ୟରେ ୨ ଜଣ ମହିଳା ଥିବାବେଳେ ଜଣେ ଶିଶୁ ଥିବା ଜଣାପଡିଛି । ତେବେ ହିମାଚଳ ସଡ଼କ ପରିବହନ ନିଗମର ଏକ ବସ ହିମାଚଳ ପ୍ରଦେଶରୁ ପାଓଙ୍ଗଂ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ବସରେ ପ୍ରାୟ ୩୦ଜଣ ଯାତ୍ରୀ ଥିଲେ । ଆଜି ଅର୍ଥାତ ମଙ୍ଗଳବାର ସକାଳେ ବସଟି ହିମାଚଳ ପ୍ରଦେଶରୁ ପାଓଙ୍ଗଂ ଯାଉଥିବା ସମୟରେ ହରିପୁର କ୍ୱାଲୁ ମାଇଲ୍ସ ରାସ୍ତାରେ ଭାରସାମ୍ୟ ହରାଇ ଖାଇକୁ ଖସି ପଡ଼ିଥିଲା । ଫଳରେ ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ୩ ଜଣଙ୍କର ମୃତ୍ୟୁ ହୋଇଛି । ସେପଟେ ଖବର ପାଇଁ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ, ପୁଲିସ ଏବଂ ଏସଡିଆରଏଫ ପହଁଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ସେହିପରି ଆହତଙ୍କୁ ଜରମ ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ସେପଟେ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି

ଯେ, ଅନ୍ୟ ଏକ ଗାଡ଼ି ଓଭରଟେକ୍ କରିବା ସମୟରେ ବସଟି ଭାରସାମ୍ୟ ହରାଇ ଖାଇକୁ ଖସି ପଡ଼ିଥିଲା । ବସ୍ ଡ୍ରାଇଭରଙ୍କ ନାମ ବିନେଶ ଶର୍ମା ଏବଂ କଣ୍ଡକ୍ଟରଙ୍କ ନାମ ଜଗଦୀଶ ଚାନ୍ଦ ବୋଲି ଜଣାପଡ଼ିଛି । ଦୁର୍ଘଟଣାକୁ ନେଇ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପିଏସ ଧାମି ଆହତଙ୍କ ଉନ୍ନତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଏନଡିଏ ସଂସଦୀୟ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ:

କହିଲେ ଭାରତ ସପକ୍ଷରେ ବିଶ୍ୱ ବ୍ୟବସ୍ଥା

ନୂଆଦିଲ୍ଲୀ,୩/୨: “ମୁଁ କହିଥିଲି ଯେ ବିଶ୍ୱ ବ୍ୟବସ୍ଥା ବଦଳିବ, ଏବେ ଏହା ଭାରତର ସପକ୍ଷରେ ।’’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନଡିଏ ସାଂସଦ ମାନଙ୍କ ବୈଠକରେ ଏହା କହିବା ମାତ୍ରେ ସମଗ୍ର ହଲ୍ ‘ଭାରତ ମାତା କି ଜୟ ପ୍ରଧାନମନ୍ତ୍ରୀ’ ଏବଂ ‘ବନ୍ଦେ ମାତରମ୍’ ଧ୍ୱନିରେ ପ୍ରକମ୍ପିତ ହୋଇଗଲା । ଭାରତ-ଆମେରିକା ଶୁଳ୍କ ବୁଝି ପରେ ଅନୁଷ୍ଠିତ ଏହି ଏନଡିଏ ସଂସଦୀୟ ବୈଠକରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମାଲ୍ୟାର୍ପଣ ପଦ୍ଧାଲ ସ୍ୱାଗତ କରାଯାଇଥିଲା । ଏନଡିଏ ସାଂସଦଙ୍କ ମଧ୍ୟରେ ଉତ୍ସାହ ଖେଳାଯାଇଥିଲା । ବୈଠକକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି ଏନଡିଏ ସହଯୋଗୀମାନଙ୍କୁ କହିଥିଲେ ଯେ, ଏନଡିଏ ପରିବାର ନିର୍ବାଚନ ପରେ ନିର୍ବାଚନ ଜିତିବାରେ ଲାଗିଛି । ନିର୍ବାଚନ ଏବେ ସହଜରେ ଜିତି ହୁଏ ନାହିଁ । ନିର୍ବାଚନ ଜିତିବା ପାଇଁ ମାଟିରେ ଜାମ କରିବା ଏବଂ ଦୃଢ଼ ନୀତି ସହିତ ଆଗକୁ ବଢ଼ିବା ଆବଶ୍ୟକ । ଭାରତ ସପକ୍ଷରେ ବିଶ୍ୱ ବ୍ୟବସ୍ଥା ’- ଏନଡିଏ ବୈଠକରେ ପ୍ରଧାନମନ୍ତ୍ରୀ କହିଛନ୍ତି, ‘ମୁଁ କହିଥିଲି ଯେ ବିଶ୍ୱ ବ୍ୟବସ୍ଥା ପରିବର୍ତ୍ତନ ହେବ, ଏବଂ ଏବେ ତାହା ଘଟୁଛି । କୋଭିଡ୍ ପରଠାରୁ ଏହା ସ୍ପଷ୍ଟ ହୋଇଛି । ଆଜି ବିଶ୍ୱ ବ୍ୟବସ୍ଥା ଭାରତ ସପକ୍ଷରେ । ଆମେରିକା ବାଣିଜ୍ୟ ବୃଦ୍ଧି ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିଥିଲା । ଲୋକମାନେ ସମାଲୋଚନା କରୁଥିଲେ, କିନ୍ତୁ ଆମେ ଧୈର୍ଯ୍ୟ ରଖିଲୁ । ସେହି ଧର୍ଯ୍ୟର ଫଳ ମିଳିଲା । ଏବେ, ଉତ୍ପାଦନ ବୃଦ୍ଧି ପାଇବା ଉଚିତ୍ ଏବଂ ଆମେ ଦେଶରେ ସୁଶୀମ୍ଭକ ଉତ୍ପାଦ ଉତ୍ପାଦନ କରିପାରିବା ।ନିର୍ବାଚନ ଜିତି ଆରାମରେ ବସିବା ନୁହେଁ- ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଏନଡିଏ ସହଯୋଗୀମାନଙ୍କୁ କହିଥିଲେ ଯେ ଏନଡିଏ ପରିବାର ନିର୍ବାଚନ ପରେ ନିର୍ବାଚନ ଜିତିବାରେ ଲାଗିଛି । ନିର୍ବାଚନ ସହଜରେ ଜିତି ହୁଏ ନାହିଁ। ନିର୍ବାଚନ ଜିତିବା ପାଇଁ ଜାମ କରିବା

‘ଆତ୍ମବିଶ୍ୱାସ ସବୁକିଛି ସମ୍ଭବ କରିଥାଏ’ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୩/୨: ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଆତ୍ମବିଶ୍ୱାସ ହେଉଛି ଏପରି ଶକ୍ତି, ଯାହା ସବୁକିଛି ସମ୍ଭବ କରିଥାଏ । ଏବଂ ଏକ ବିକାଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଆତ୍ମବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ତାଙ୍କର ଏହି ମନ୍ତବ୍ୟ ଭାରତ ଏବଂ ଆମେରିକା ଏକ ବାଣିଜ୍ୟ ବୁଝିରେ ପହଞ୍ଚିବାର ଗୋଟିଏ ଦିନ ପରେ ଆସିଛି । ଯାହା ଅଧୀନରେ ଓ୍ୱାଶିଂଟନ୍ ଭାରତୀୟ ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କକୁ ବର୍ତମାନର ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିବାକୁ ରାଜି ହୋଇଛି । “ଆତ୍ମବିଶ୍ୱାସ ହେଉଛି ସେହି ଶକ୍ତି ଯାହା ସାହାଯ୍ୟରେ ସବୁକିଛି ସମ୍ଭବ” । ପ୍ରଧାନମନ୍ତ୍ରୀ ଏକ୍ସରେ ଏକ ପୋଷ୍ଟ କରି କହିଛନ୍ତି ନାଗରିକମାନଙ୍କର ଏହି ଶକ୍ତି ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଅତ୍ୟନ୍ତ ଉପଯୋଗୀ ପ୍ରମାଣିତ ହେବ । ମୋଦୀ ସଂସ୍କୃତ ରେ ମଧ୍ୟ ଏକ ପଦ ସେୟାର କରିଛନ୍ତି । ଯାହାର ଅର୍ଥ ହେଉଛି ଧନ ଧାର୍ମିକ କାର୍ଯ୍ୟ ଦ୍ୱାରା ଅର୍ଜିତ ହୁଏ । “ଏହା ସାହସ ଏବଂ ଆତ୍ମବିଶ୍ୱାସ ସହିତ ବୃଦ୍ଧି ପାଏ । ଦକ୍ଷତା ଏବଂ ଦକ୍ଷତା ମାଧ୍ୟମରେ ସ୍ଥିର ରହିଥାଏ । ଏବଂ ଶୃଙ୍ଖଳା ଦ୍ୱାରା ସୁରକ୍ଷିତ ରହିଲେ, ଏହା ଦେଶର ପ୍ରଗତିରେ ଯୋଗଦାନ କରେ । ଏହି ସମୟରେ, କଂଗ୍ରେସ ଭାରତ-ଆମେରିକା ବାଣିଜ୍ୟ ବୁଝିର ସମ୍ପূର୍ଣ୍ଣ ବିବରଣୀ ଦାବି କରିଛି, କୃଷି କ୍ଷେତ୍ର ଖୋଲିବା, ଶୁଳ୍କକୁ “ଶୂନ୍ୟ” କୁ ହ୍ରାସ କରିବା ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ଅନୁଯାୟୀ କୃଷୀୟ ତୈଳ କ୍ରୟ ଉପରେ ବିରତି ଭଳି ଅନେକ ପ୍ରମୁଖ ଦିଗ ଉପରେ ପ୍ରଶ୍ନ ଉଠାଇଛି। ଅପରପକ୍ଷେ ସୋମବାର ଜଣେ ହ୍ୱାଇଟ୍ ହାଉସ ଅଧିକାରୀ ମଧ୍ୟ ନିଶ୍ଚିତ କରିଛନ୍ତି ଯେ ନୂଆଦିଲ୍ଲୀ ଦ୍ୱାରା କୃଷୀୟ ତୈଳ କ୍ରୟ ଯୋଗୁଁ ଲାଗୁ ହୋଇଥିବା ଭାରତୀୟ ଆମଦାନୀ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ମଧ୍ୟ ଓ୍ୱାଶିଂଟନ୍ ପ୍ରତ୍ୟାହାର କରିବ । ହ୍ୱାଇଟ୍ ହାଉସ ଅଧିକାରୀ କହିଛନ୍ତି ଯେ ଭାରତକୁ “କୃଷୀୟ ତୈଳ କ୍ରୟ ବନ୍ଦ କରିବାକୁ ପଡିବ, କେବଳ ହ୍ରାସ କଲେ ଚଳିବ ନାହିଁ”।

ଲୋକସଭାରେ ରାହୁଲ ବନାମ ରାଜନାଥ :

ପୂର୍ବତନ ସେନାମୁଖ୍ୟ ନରବଣେଙ୍କ ଆତ୍ମଜୀବନୀକୁ ନେଇ ସଂସଦରେ ତମ୍ବିତୋଫାନ

ନୂଆଦିଲ୍ଲୀ,୩/୨: ସୋମବାର ଲୋକସଭାରେ ଏକ ବଡ଼ ଧରଣର ହଙ୍ଗାମା ଦେଖିବାକୁ ମିଳିଛି । ବିରୋଧୀ ଦଳ ନେତା ଭାବେ ରାହୁଲ ଗାନ୍ଧୀ ରାଷ୍ଟ୍ରପତିଙ୍କ ଅଭିଭାଷଣ ପାଇଁ ଧନ୍ୟବାଦ ପ୍ରସ୍ତାବ ଉପରେ ବିତର୍କ ସମୟରେ ପୂର୍ବତନ ସେନାମୁଖ୍ୟ ଜେନେରାଲ ଏମ୍‌ଏମ୍ ନରବଣେଙ୍କ ଆତ୍ମଜୀବନୀରୁ ଉଦ୍ଧୃତ କରି ତାଙ୍କ ଭାଷଣ ଆରମ୍ଭ କରିବା ପରେ ତୁରନ୍ତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଗୃହମନ୍ତ୍ରୀ ଅମିତ ଶାହ ଏହା ଉପରେ ଆପତ୍ତି ଉଠାଇଥିଲେ । ଏହାକୁ ନେଇ ଗୃହରେ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଥିଲା । ୨୦୨୦ ମସିହା ମେ ୫ ତାରିଖରେ ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଭାରତ ଏବଂ ଚୀନ୍ ସୈନ୍ୟଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ପରେ ପୂର୍ବ ଲଦାଖ ସୀମା ବିବାଦ ଆରମ୍ଭ ହୋଇଥିଲା । ପୂର୍ବତନ ସେନା ମୁଖ୍ୟ ନରବଣେ ତାଙ୍କର ଅପ୍ରକାଶିତ ଆତ୍ମଜୀବନୀ ‘ଫୋର୍ ଷ୍ଟାର୍ ଅଫ୍ ଡେଷ୍ଟିନି’ରେ ଏହି ସଂଘର୍ଷ ବିଷୟରେ ଲେଖିଛନ୍ତି ଏବଂ ଏକ ଜଣାଶୁଣା ପତ୍ରିକା ଦ୍ୱାରା ସୁସ୍ଥକ ଉପରେ ଏକ ପ୍ରବନ୍ଧ ପ୍ରକାଶିତ ହୋଇଛି । ରାହୁଲ ଗାନ୍ଧୀ ଉକ୍ତ ପତ୍ରିକାର ଏକ କପି ନେଇ ବାରମ୍ବାର ଏହା ଉପରେ ଆଲୋଚନା ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ଏବଂ ସୀମାରେ ଚୀନ୍‌ର ପ୍ରଭାବ ବିସ୍ତାର ସଂପର୍କରେ କହିଥିଲେ । ତେବେ ଶାସକ ଦଳ ପକ୍ଷରୁ ଏହାର ଜୋରଦାର ବିରୋଧ ହୋଇଥିଲା । ପ୍ରତିରକ୍ଷା ମନ୍ତ୍ରୀ ଯୁକ୍ତି ବାଢ଼ିଥିଲେ ଯେ ପୁସ୍ତକ ସମ୍ପୂର୍ଣ୍ଣତ ଆନୁଷାନିକଭାବେ ପ୍ରକାଶିତ ହୋଇନାହିଁ । ତେଣୁ ଗୃହରେ ଏହାକୁ ଉଦ୍ଧୃତ କରାଯାଇପାରିବ ନାହିଁ । ତେବେ କଂଗ୍ରେସ ଏହାକୁ ବିରୋଧ କରି କହିଥିଲେ ଯେ, ସେ ଯେଉଁ ବିଷୟରେ କହୁଛନ୍ତି ତାହା ପ୍ରାମାଣିକ ଏବଂ ଏଥିରୁ ଉଦ୍ଧୃତ କରିବାର ଅଧିକାର ତାଙ୍କର ଅଛି । ସେ କହିଛନ୍ତି ଯେ, ସେ ପ୍ରଥମେ ଏହି ପ୍ରସଙ୍ଗ ଉଠାଇବାକୁ ଚାହୁଁ ନ ଥିଲେ, କିନ୍ତୁ ବିତର୍କରେ ବିଜେପି ସାଂସଦ ତେଜସ୍ୱୀ ସୂର୍ଯ୍ୟ କଂଗ୍ରେସ ବଙ୍କର ଦେଶପ୍ରେମ ଉପରେ ପ୍ରଶ୍ନ ଉଠାଇବା ପରେ ସେ ଏହା କରିବାକୁ ନିଷ୍ପତି ନେଇଥିଲେ । ରାଜନାଥ ସିଂହ କହିଥିଲେ ଯେ, ଏହି ପୁସ୍ତକ ପ୍ରକାଶିତ ହୋଇନାହିଁ । ତେଣୁ ଏହାକୁ ସଂସଦୀୟ ପ୍ରକ୍ରିୟାକୁ ଅଣାଯାଇପାରିବ ନାହିଁ । ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଏହାର ଜବାବ ଦେଇଛନ୍ତି । ମୁଁ ସାଂସଦ ତେଜସ୍ୱୀ ସୂର୍ଯ୍ୟଙ୍କ ଭାଷଣକୁ ଧ୍ୟାନର ସହ ଶୁଣିଛି । କୌଣସି ସମୟରେ ସେ ବିରୋଧୀଙ୍କ ଜାତୀୟତାବାଦ କିମ୍ବା ଚରିତ୍ର ଉପରେ ପ୍ରଶ୍ନ କରିନାହାନ୍ତି ବୋଲି ଶାହ କହିଥିଲେ । ସେ କହିଥିଲେ ଯେ, ସୂର୍ଯ୍ୟ ତାଙ୍କ ଭାଷଣରେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଜାତୀୟତାବାଦ, ଦେଶର ସଂସ୍କୃତି ଓ ଭାଷା ବିଷୟରେ କହିଥିଲେ । କିନ୍ତୁ ସେ କୌଣସି ସ୍ଥାନରେ ବିରୋଧୀଙ୍କ ଜାତୀୟତାବାଦ କିମ୍ବା ଚରିତ୍ର ଉପରେ ପ୍ରଶ୍ନ କରିନାହାନ୍ତି । ବୋଲି ରାହୁଲ କହିଛନ୍ତି ।

ଋଷଠୁ ତେଲ ନକିଣିବା ଭାରତ ପାଇଁ ହେବ କି ମହଙ୍ଗା ?

ନୂଆଦିଲ୍ଲୀ,୩/୨: ଦୀର୍ଘଦିନର ଅନିଶ୍ଚିତତା ଓ ବାଣିଜ୍ୟ ଚାପ ଭିତରେ ଭାରତ-ଆମେରିକା ଶେଷରେ ଏକ ଐତିହାସିକ ବାଣିଜ୍ୟ ବୁଝି ଉପରେ ସହମତ ହୋଇଛନ୍ତି । ଆମେରିକା ହଠାତ୍ ଭାରତ ଉପରେ ଲାଗୁ ଥିବା ୫୦% ଶୁଳ୍କକୁ ୧୮% ହ୍ରାସ କରିଛି । ଏହି ବୁଝିରେ ଖୁସି ହୋଇ ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆମେରିକା ଦାବି କରିଛି ଯେ ଭାରତ ଋଷରୁ ତେଲ କିଣିବା ବନ୍ଦ କରିବା ପରେ ଏହି ବଡ଼ ବୁଝି ହୋଇଛି । ତେବେ ଏଠାରେ ବଡ଼ ପ୍ରଶ୍ନ ଉଠୁଛି, ଭାରତକୁ ଋଷରୁ ତେଲ ବନ୍ଦ କରିବା ପାଇ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ସାଂସ୍କୃତିକ ପ୍ରଗତି ଟ୍ରଷ୍ଟର ବାର୍ଷିକ ଉତ୍ସବ

ଅଲେଖ ଚନ୍ଦ୍ର ସେଠୀଙ୍କ ପୁସ୍ତକ ପୁରାଣର ଚାରିକଥା ଉନ୍ମୋଚିତ

କେନ୍ଦୁଝର,୩/୨(ନି/ପ୍ର): ସଂସ୍କୃତି, ପରମ୍ପରା ଓ ଲୋକଗୀତକୁ ଜୀବନ୍ତ ରଖିବା ସହିତ ଏହାର ବିସ୍ତାର ଲାଭ ଲକ୍ଷରେ କାର୍ଯ୍ୟ କରୁଥିବା ତଥା ପାଲା ଦାଶକାଠିଆ ପରି କାର୍ଯ୍ୟକ୍ରମକୁ ଜନାଦୃତ କରିବାରେ କାର୍ଯ୍ୟ କରୁଥିବା କେନ୍ଦୁଝରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସାଂସ୍କୃତିକ ପ୍ରଗତି ଟ୍ରଷ୍ଟର ୧୩ତମ ବାର୍ଷିକ ଉତ୍ସବ ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଲିଆ ସ୍ଥିତ ଲକ୍ଷ୍ମୀ ନାରାୟଣ ଉচ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଟ୍ରଷ୍ଟର ମାର୍ଗଦର୍ଶକ ଡକ୍ଟର ଧୀରେନ ମାହାନ୍ତିଙ୍କ ଅଧ୍ୟକ୍ଷତା ଓ ଟ୍ରଷ୍ଟର ସଭାପତି ଧନେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ସଭା ଅବସରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ଜଜ ତଥା ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଇ. ବିଶ୍ୱେଶ୍ୱର ରାଓ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଲଳିତ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀ ନାରାୟଣ ଉচ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିରାକାର ସ୍ୱାଇଁ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ଅଧ୍ୟକ୍ଷ ବୈଦାରୀ ମହାନ୍ତ, ମୁଖ୍ୟ ବକ୍ତା ଭାବେ ଚାରିଣୀ ଠାକୁରାଣୀ ମହାବିଦ୍ୟାଳୟ ଘଟଗାଁ ର ପୂର୍ବତନ ଅଧ୍ୟକ୍ଷ ଡ଼ ରଞ୍ଜନ କୁମାର ପଣ୍ଡା ଓ ସମ୍ମାନ୍ୱିତ ବକ୍ତା ଭାବେ ଉତ୍ତର ଓଡିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ନୃସିଂହ ନାଥ ସିଂହ ଯୋଗ ଦେଇଥିଲେ । ବରେଣ୍ୟ ଅତିଥି ଭାବେ ସାଂସ୍କୃତିକ ପ୍ରଗତି ଟ୍ରଷ୍ଟର ପ୍ରତିଷ୍ଠାତା ବରିଷ୍ଠ ଅଧିବକ୍ତା ପତିତ ପାବନ ନାଥ ଯୋଗ ଦେଇଥିଲେ । ମଂଚାସିନ ଅତିଥି ମାନେ ଓଡ଼ିଆ ଲୋକ ସଂସ୍କୃତି ଓ ଲୋକ କଳାକୁ ଜୀବନ୍ତ ରଖିବା ପାଇଁ ପାଲା ଓ ଓଡ଼ିଆ ଭାଷା ସାହିତ୍ୟର ବିକାଶ କରିବା ଜରୁରୀ ବୋଲି ମତ ବ୍ୟକ୍ତ କରିଥିଲେ । କଳାକାରର ମୃତ୍ୟୁ ନାହିଁ ଓ ଜଣେ କଳାକାର ହିଁ ନିଜେ କଳ୍ପ ସ୍ୱୀକାର କରି କଠିନ ସାଧନା ମାଧ୍ୟମରେ ସମାଜରେ ବିଗବର୍ଣ୍ଣନ ପ୍ରଦାନ କରିବା ସହ ଲୋକଙ୍କ ଭିତରେ ସାମାଜିକ ସଂଚାର ଆଣିଥାଏ ବୋଲି ବକ୍ତାମାନେ କହିଥିଲେ । ଏହି ବାର୍ଷିକ ଉତ୍ସବ ଅବସରରେ ଜଲେଜ ପରିସରରେ ଅତିଥି ଗଣଙ୍କ ସହ ଟ୍ରଷ୍ଟର ସଦସ୍ୟମାନେ ବୃକ୍ଷରୋପଣ କରି ପରିବେଶ ସଂରକ୍ଷଣ କରିବାର ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ଅନେକ ମାନ୍ୟଗଣ୍ୟ ଶିକ୍ଷାବିତ ଓ ବୁଦ୍ଧିଜୀବି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମାର୍ଗଦର୍ଶକ ଡକ୍ଟର ଧୀରେନ ମାହାନ୍ତିଙ୍କ ଜନୁ ଉତ୍ସବ ପାଳନ କରାଯାଇ ତାଙ୍କ ବିଗବର୍ଣ୍ଣନକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅବସରରେ ଟ୍ରଷ୍ଟର ସହ ସମ୍ପାଦକ ଅଲେଖ ଚନ୍ଦ୍ର ସେଠୀଙ୍କ ପୁରାଣ ସଂସ୍କୃତି ଲୋକଜଳା ଓ ଲୋକଗୀତର ଗ୍ରହଣ ଶିକ୍ଷା ଉପରେ ପର୍ଯ୍ୟବେକ୍ଷିତ ପୁସ୍ତକ 'ପୁରାଣର ଚାରିକଥା' ର ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ସଙ୍ଗୀତଜ୍ଞ, ପାଲାମଂଚ, ପାଲା କଳାକାର, ସାମ୍ବାଦିକ, ସମାଜସେବୀ ପ୍ରମୁଖଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ତଥା ଟ୍ରଷ୍ଟର ମିଡିଆ ସେଲ ଅଧକ୍ଷ ସତ୍ୟଜିତ ସାମନ୍ତରାୟ ସଂଯୋଜନା କରିଥିବା ବେଳେ ସଭାପତି ଧନେଶ୍ୱର ମହାନ୍ତ ମଂଚ ପରିଚାଳନା କରିଥିଲେ । ଏହି ବୈଠକରେ ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ମହାନ୍ତି, ଉପସଭାପତି ଡ଼ ରାଜକିଶୋର ସାମନ୍ତ, ପ୍ରଚାର ପ୍ରସାର ପ୍ରମୁଖ ସତ୍ୟଜିତ ସାମନ୍ତରାୟ,ସହ ସମ୍ପାଦକ ଅଲେଖ ଚନ୍ଦ୍ର ସେଠୀ, ସାଂସ୍କୃତିକ ସମ୍ପାଦକ ଶ୍ରୀବତ୍ସ ନାହାକ, ଅର୍ଥ ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି, ସଂଗଠନ ସମ୍ପାଦକ ଗୟାଧର ନାଥ, ସଂଯୋଜକ ପ୍ରତାପ କୁମାର ସାହୁ, ସହ ସଂଯୋଜକ ଯୋଗେନ୍ଦ୍ର ମହାନ୍ତ, ଉପଦେଷ୍ଟା କଳାବନ୍ଧୁ ମହାନ୍ତ, ବୈଲୋଚନ ନାଏକ, ସମାଜସେବୀ ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଳାବନ୍ଧୁ ମହାନ୍ତଙ୍କ ଧନ୍ୟବାଦ ଅର୍ପଣ ସହିତ ବୈଠକ ଶେଷ କରାଯାଇଥିଲା ।

ଛୁରା ମାଡ଼ରେ ନବମ ଶ୍ରେଣୀ ଛାତ୍ର ଗୁରୁତର

ଚମ୍ପୁଆ,୩/୨(ନି/ପ୍ର): ନବମ ଶ୍ରେଣୀ ଛାତ୍ର ଉପରେ ଜଣେ ଅଜଣା ସୁବକ ଛୁରା ମାଡ଼ କରି ଫେରାର ହୋଇ ଯାଇଥିବା ଜଣାଦିଛି । କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଥାନା ଯୋଡ଼ା ବସଷ୍ଟାଣ୍ଡରେ ଘଟିଛି ଏହି ଅଭାବନୀୟ ଘଟଣା । ତେବେ ନବମ ଶ୍ରେଣୀ ଛାତ୍ରଙ୍କୁ କେହି ଛୁରା ମାଡ଼ କରିଥିବା ବେଳେ ଛୁରା ମାଡ଼ କାହିଁକି ହେଲା ଓ କିଏ କରିଛି, ତାହା ଏର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ । ଆହତ ଛାତ୍ରଙ୍କ ନାମ ରୋହିତ କାଲୁଆ । ସେ ଛୁରାମାଡ଼ କରିଥିବା ସୁବକଙ୍କୁ ଯୋଡ଼ା ଥାନା ସ୍ଥିତ କମାର ଯୋଡ଼ା ମୁଣ୍ଡାସାହି ନିବାସୀ ବୋଲି ଜଣାପଡ଼ିଛି । ତେବେ ଘଟଣା ସ୍ଥଳରେ ପୋଲିସ୍ ପହଂଚି ଆହତ ଛାତ୍ରଙ୍କୁ ନିଜସ୍ୱ ଗିଟ୍ସୋ ମେଡିକାଲରେ ଭର୍ତ୍ତି କରିଛି । ଆହତ ଛାତ୍ର ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି । ତେବେ ଆହାତ ଛାତ୍ର ମଧ୍ୟ ଛୁରାମାଡ଼ କରିଥିବା ସୁବକଙ୍କୁ ଚିହ୍ନିନଥିବା କହିଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇ ଯୋଡ଼ା ପୋଲିସ ତନାଘନା ଆରମ୍ଭ କରି ସମସ୍ତ ଦିଗରୁ ତଦନ୍ତ ଚଳାଇଛି ।

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଡକାୟତକୁ ଏନକାଉଂଟର୍ କଲା ବଡ଼ବିଲ୍ ପୋଲିସ

କେନ୍ଦୁଝର,୩/୨(ନି/ପ୍ର):ପୂର୍ବାହ୍ନ ଡକାୟତକୁ ଏନକାଉଂଟର୍ କଲା ବଡ଼ବିଲ୍ ପୋଲିସ । କେନ୍ଦୁଝର ଜିଲ୍ଲା ବଡ଼ବିଲ୍ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଡ଼କାୟତିରେ ସମ୍ପୃକ୍ତ ଥିବା ଦୁର୍ଦ୍ଦାନ୍ତ ଡ଼କାୟତ ସିପୁ କୁମାରକୁ ପୋଲିସର ଏନକାଉଂଟର୍ । ବିହାର, ପାଟଣା, ପିପାରା ରୁ ସିପୁ କୁମାରକୁ ଧରିଥିଲା ପୋଲିସ । ଆଜି ସକାଳେ, ବଡ଼ବିଲର ଟାଙ୍କୁଆ ନିକଟ ଏକ ଜଙ୍ଗଲରେ ଫେରାର୍ ହେଉଥିବା ସମୟରେ ସିପୁ ପ୍ରଥମେ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲା । ପୋଲିସର ପାଲଟା ଗୁଳିମାଡ଼ରେ ଆହତ ସିପୁକୁ ବଡ଼ବିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତାର ଡ଼ାହାଣ ଗୋଡ଼ ଆଣ୍ଠୁ ପାଖରେ ଗୁଳି ବାଜିଛି । ତା'ଠାରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି । ଦୁର୍ଦ୍ଦାନ୍ତ ଡ଼କାୟତ ସିପୁ, ହତ୍ୟା, ସଶସ୍ତ୍ର ଡ଼କାୟତି, ଚୋରୀ ଭଳି ମାମଲାରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଆଦିରାଜ୍ୟରେ ସମ୍ପୃକ୍ତ ଥିଲା । ବଡ଼ବିଲ୍ ଏସଡିପିଓ ଙ୍କର ସୂଚନା ଅନୁଯାୟୀ, ବିହାର ସିପାରା ଅଂଚଳରୁ ଡ଼କାୟତ ସିପୁ କୁ ବଡ଼ବିଲ୍ ପୋଲିସ୍ ଗିରଫ କରି ତା'ଠାରୁ ନଗଦ ୨୦ହଜାର ଟଙ୍କା ଓ ଏକ ବାଇକ୍ ଜବତ ହୋଇଥିଲା । ତାକୁ ନେଇ ବଡ଼ବିଲ୍ ଆସୁଥିବା ପୋଲିସ୍। ଡ଼କାୟତ ସିପୁର କହିବା ଅନୁଯାୟୀ, ଦୁଆମୁଣ୍ଡି ନିକଟ ଟାଙ୍କୁଖଣ୍ଡର ଟାଙ୍କୁଆ ଜଙ୍ଗଲରେ ସେ ବ୍ୟାଙ୍କର ଲୁଟ୍ ସୁରା ଲୁଚାଇ ରଖିଥିଲା । ହେଲେ, ସେହି ଜଙ୍ଗଲରେ ସେ ଲୁଚାଇଥିବା ଏକ ବନ୍ଧୁକରୁ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇ ଫେରାର୍ ହେବାକୁ ଚେଷ୍ଟା କରୁଥିଲା । ପରେ ପୋଲିସର ପାଲଟା ଗୁଳିରେ ଆହତ ହୋଇଥିଲା ।

ହାଉଣ୍ଡା ଧକ୍କାରେ ଚାଲିଗଲା ଶିକ୍ଷୟିତ୍ରୀଙ୍କ ଜୀବନ

ଚମ୍ପୁଆ,୩/୨(ନି/ପ୍ର): ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଚାଲିଗଲା ସମସ୍ତଙ୍କୁ ପ୍ରିୟ ବିଦ୍ୟାମନ୍ଦିର ଶିକ୍ଷୟିତ୍ରୀଙ୍କ ଜୀବନ । ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଡିଡିଏମ୍ ଅଫିସ୍ ନିକଟରେ ହାଉଣ୍ଡା ଧକ୍କାରେ ଝୁଲିରେ ଯାଇଥିବା ଭଦ୍ରାଚାରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷୟିତ୍ରୀଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସୂଚନା ମୁତାବକ ଆଜି ସନ୍ଧ୍ୟା ୫ଟା ସମୟରେ ଭଦ୍ରାଚାରୁ ଯୋଡ଼ା ଅଭିମୁଖେ ଆସୁଥିବାବେଳେ ମାଇନିଙ୍କ ଛକ ନିକଟରେ ଝୁଲିଥୁ ଏକ ଦୃତଗାମୀ ହାଉଣ୍ଡା ପଛରୁ ଧକ୍କା ଦେଇଥିଲା । ଫଳରେ ଶିକ୍ଷୟିତ୍ରୀ ଜଣକ ଘଟଣା ସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ମୃତକ ଜଣକ ହେଲେ ସୁନୀତା ଲୋହାର(୪୨) ବୋଲି ପ୍ରାଥମିକ ସୂତ୍ରରୁ ଜଣାପଡ଼ିଛି ।

ହରିଚନ୍ଦନପୁର ବ୍ଲକ ଜଙ୍ଗିରା ଗ୍ରାମର ହାଟପଡ଼ିଆରେ ଜଙ୍ଗିରା ମଣ୍ଡଳ ପକ୍ଷରୁ ଭବ୍ୟ ହିନ୍ଦୁ ସମ୍ମିଳନୀ, ବିଶ୍ୱଶାନ୍ତି ମହାଯଜ୍ଞ

ବେଆଇନ ବାଲି ଚାଲାଣକୁ ନେଇ ଜନ ଆକ୍ରୋଶ :

ଓଭର ଲୋଡେଡ ହାଇଓ୍ୱାକୁ ଧାମନଗର ପୋଲିସ ଜବତ କଲା

ଭଦ୍ରକ, ୩/୨(ନି/ପ୍ର):ଏହି ଜିଲାର ଧାମନଗର ଅଂଚଳରେ ଚୋରା ବାଲି ମାଫିଆଙ୍କ ପ୍ରାଦୁର୍ଭାବ ଓ ବେପରୁଆ ଗାଡ଼ି ଚାଲାଣକୁ ନେଇ ଜନ ଅସନ୍ତୋଷ ଉଗ୍ରରୂପ ଧାରଣ କରିଛି । ବିହୁଡ଼ି ଆନନ୍ଦପୁର-ଖଡ଼ିପଦା ଗ୍ରାମ୍ୟ ଜନୁୟନ ବିଭାଗ ରାସ୍ତାରେ ବେଆଇନ ବାଲି ବୋଝେଇ ହେଉଥିବା ଏକ ୧୦ ଚକିଆ ହାଇଓ୍ୱାକୁ ଗ୍ରାମବାସୀ ସଂଘବଦ୍ଧ ଭାବେ ଅଟକାଇ ପୋଲିସ ଜିମା ଦେଇଛନ୍ତି । ଯାଜପୁର ଜିଲ୍ଲା ବିଷ୍ଣୁପୁର ଅଂଚଳରୁ ଏହି ହାଉଣ୍ଡାଟି (ଓଡି୨୨ଏସି୦୪୮୯) କ୍ଷମତା ଠାରୁ ଯଥେଷ୍ଟ ଅଧିକ ବାଲି ବୋଝେଇ କରି କାଶିଆ ନଳା ଛକ ଦେଇ ଯାଉଥିଲା । ରବିବାର ସକାଳେ ଗ୍ରାମବାସୀମାନେ ଏକଜୁଟ ହୋଇ ଗାଡ଼ିଟିକୁ ଅଟକାଇଥିଲେ । ଏହା ପରେ ଚାଂଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଗାଁ ଲୋକେ ପଚାରିବାରୁ ଜଣାପଡ଼ିଲା ଯେ, ଡ୍ରାଇଭର ଓ ହେଲପରଙ୍କ ପାଖରେ ବାଲି ପରିବହନ ପାଇଁ ଆବଶ୍ୟକୀୟ ଓ୍ୱାଇ ଫର୍ମ ବା ଚ୍ରାଡ଼ିତ ପାସ୍ ନଥିଲା । ଗାଡ଼ିରେ ଅନୁମତି ଠାରୁ ପ୍ରାୟ ୨ ଫୁଟ୍ ଅଧିକ ଉଚ୍ଚର ବାଲି ଲୋଡ୍ ହୋଇଥିଲା । ଗ୍ରାମବାସୀଙ୍କ ପଚରାଉଚରା ବେଳେ ଡ୍ରାଇଭର ବେଆଇନ ପରିବହନ କଥା ସ୍ୱୀକାର କରିଥିଲେ, ଯାହାର ଭିତ୍ତିରେ ରେକର୍ଡିଂ ମଧ୍ୟ କରାଯାଇଛି ।ଗ୍ରାମ୍ୟ ଜନୁୟନ ବିଭାଗ ଦ୍ୱାରା ନିର୍ମିତ ଜଂକ୍ରିଟ ରାସ୍ତାର କ୍ଷମତା କମପାଇ ବେଳେ ଏହି ହାଉଣ୍ଡା ଯଥେଷ୍ଟ ଅଧିକ ଓଜନର ଥିଲା । ଭାରି ଯାନ ଯୋଗୁଁ ରାସ୍ତାରେ ବଡ଼ ଧରଣର ଫାଟ ସୃଷ୍ଟି ହୋଇଛି । ହାତିନିଆ ଠାରୁ ଖଡ଼ିପଦା ମଧ୍ୟରେ ୫ କିଲୋମିଟର ରାସ୍ତାରେ ପ୍ରାୟ ୨୦ ରୁ ଅଧିକ ସ୍ଥାନରେ ରାସ୍ତା ଫାଟି ଯାଇଥିବା ବେଳେ ଦକ୍ଷିଣ କୂଳୁଆ ଛକ ଓ ତାରିଣୀ ମନ୍ଦିର ନିକଟରେ ରାସ୍ତା ବନ୍ଦି ଯାଇଥିବା ଦେଖିବାକୁ ମିଳିଛି । ଛେବକ ସେତିକି ଦୂରେଁ, ଦ୍ରୁତ ଗତିରେ ଯାଉଥିବା ଏହି ହାଉଣ୍ଡା ଗୁଡ଼ିକ ଯୋଗୁଁ ଧନଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଜାଣିଆ ଛକରେ ଏକ ବୋଝାନ ଘରର ଛାତକୁ ମଧ୍ୟ ଗାଡ଼ି ଚାଲି ନେଇଥିବା ଅଭିଯୋଗ ହୋଇଛି । ଖବର ପାଇ ଧାମନଗର ଥାନା ଏସ୍ଆଇ ମହେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଂଚିଥିଲେ । ପୋଲିସ ହାଉଣ୍ଡାଟିକୁ ଜବତ କରିବା ସହ ଥାନାକୁ ନେଇ ଅଟକ ରଖିଛି । ଲଘୁ ଖଣିଜ ଚୋରି, ସରକାରୀ ସମ୍ପତ୍ତି (ରାସ୍ତା) ନଷ୍ଟ ଏବଂ ଓଭର ଲୋଡିଂ ଅଭିଯୋଗରେ ପୋଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।ଏହି ଘଟଣା ପରେ ସ୍ଥାନୀୟ ଅଂଚଳରେ ବାଲି ମାଫିଆଙ୍କ ମଧ୍ୟରେ ଭୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ଗ୍ରାମବାସୀମାନେ ନିୟମିତ ପାଟ୍ରୋଲିଂ ପାଇଁ ଦାବି କରିଛନ୍ତି ।

ଭାରତୀୟ ଜନତା ପାର୍ଟି ନରଣପୁର ମଣ୍ଡଳ ତରଫରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ

କେନ୍ଦୁଝର, ୩/୨(ନି/ପ୍ର): ଭାରତୀୟ ଜନତା ପାର୍ଟି ନରଣପୁର ମଣ୍ଡଳ ତରଫରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ନରଣପୁର ମଣ୍ଡଳ ସଭାପତି ରତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ୩୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା କର୍ମୀ ଯୋଗଦାନ କରିଥିଲେ । କେନ୍ଦୁଝର ଜିଲ୍ଲାର ସାଧାରଣ ସମ୍ପାଦକ ଅନୁତ୍ତର ବେହେରା, ନଗର ପ୍ରଭାରୀ ବିଜୁଲିତ କୁମାର ପଣ୍ଡା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଭାଗିରଥି ସିଂ, ପୂର୍ବତନ କାର୍ଯ୍ୟକାରି ସଦସ୍ୟ ଭାବରେ ମନୋନିତ ହେଉଥିବା ବିଜୁଲିତ କୁମାର ପଣ୍ଡା, ବେଣୁଧର ମହାନ୍ତ, ଚିନ୍ତାମଣି ମହାନ୍ତ, ରୂପେଶ ମହାନ୍ତଙ୍କ ଉପସ୍ଥିତିରେ ବନ୍ଧୁତା ବାର୍ତ୍ତା ଓ ଆଗାମୀ ପଂଚାୟତ ନିର୍ବାଚନରେ ବଳ କେମିତି ମଜବୁତ୍ ହେବ ଅଭିଭାଷଣ ରଖିଥିଲେ । ଜିଲ୍ଲାର ନୂତନ ମନୋନିତ ହେଉଥିବା ବିଜୁଲିତ କୁମାର ପଣ୍ଡା, ବେଣୁଧର ମହାନ୍ତ, ଚିନ୍ତାମଣି ମହାନ୍ତ, ରୂପେଶ ଉତ୍ତରୀୟ ଦେଇ ମଣ୍ଡଳ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମୀକ୍ଷା ବୈଠକ

ଭବାନୀପାଟଣା,୩/୨(ନି/ପ୍ର): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, କଳାହାଣ୍ଡି ଦ୍ୱାରା ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଭବାନୀପାଟଣା ଟାଉନ୍ ହଲ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନୁୟ ବରଖାଡ଼ା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି ବୈଠକରେ ଆସନ୍ତା ମାଟ୍ରିକ ପରୀକ୍ଷାରେ ଉତ୍ତମ ଫଳାଫଳ, ବିଦ୍ୟାଳୟ ସୁପରିଚାଳନା, ଆଙ୍କଷ୍ଟା ପାଠ୍ୟକ୍ରମ, ମଧ୍ୟାହ୍ନ ଭୋଜନ ସୁପରିଚାଳନା, ଆର୍ଥିକ ପରିଚାଳନା, ଛାତ୍ରାଭାସ ସୁସ୍ଥ, ଂଚମ ଓ ଅଷ୍ଟମ ଶ୍ରେଣୀରେ ପରୀକ୍ଷା, ନୂତନ ପାଠ୍ୟପୁସ୍ତକ, ନୂତନ ଶିକ୍ଷାବର୍ଷର କାର୍ଯ୍ୟ ଖସଡ଼ା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ଏହି ଅବସରରେ ସମସ୍ତ ଶିକ୍ଷା କଳାହାଣ୍ଡିର ମୁଖପତ୍ର ତଥା ଶିକ୍ଷା ସମ୍ବାଦ ବାହିକା ମାଣିକ୍ୟ ପ୍ରଭା ପତ୍ରିକାର ଶୁଭ ଉନ୍ମୋଚନ କରାଯାଇଥିଲା । ଜିଲ୍ଲା ଗଣନାଥପୁର ପ୍ରଧାନଶିକ୍ଷକ ପ୍ରଦୀପ ନେଗି, କୁଲିହାରା ପ୍ରଧାନଶିକ୍ଷକ ବିଜୟ ପାଢ଼ୀ, ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ ନାର୍ଲା ରୋଡ଼ ପ୍ରଧାନଶିକ୍ଷକ ସନ୍ତୋଷ କୁମାର କର ନିଜ ବିଦ୍ୟାଳୟରେ ଉତ୍ତମ ଶିକ୍ଷାଦାନ ଓ ଫଳାଫଳ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଉପସ୍ଥାପନା କରିଥିଲେ । ଜିଲ୍ଲା ସାଧନ ଶିକ୍ଷକ ଶିକ୍ଷୟିତ୍ରୀ ବିଜୟାନନ୍ଦ ହୋତା, ଶ୍ୟାମ ସୁନ୍ଦର ପଣ୍ଡା, ସରସ୍ୱତୀ ସାହୁ, ସ୍ନିଗ୍ଧାଳିନୀ ସାହୁ, ସୁଧିଶ୍ରୀ ମୁଦୁଲି, ମୃତ୍ୟୁଞ୍ଜୟ ପତି, ପ୍ରଜ୍ଞା ଶତପଥି, ସ୍ୱେତାଳିନ ପ୍ରଧାନ, ସରସ୍ୱତୀ ବେହେରା, ମନୋଜ ପଣ୍ଡା, ବିନୋଦ ବାଡ଼ା , ବାପାଙ୍କି ପ୍ରଧାନ ଓ ଲଣ୍ଡନ ବେହେରା, ଜିଲ୍ଲା ପ୍ରାଥମିକ ଶିକ୍ଷା ଚାଳିନ ଅନୁଷ୍ଠାନ ପ୍ରମୁଖ ପାଠ୍ୟ ବିଷୟ ବସ୍ତୁ ଉପରେ ଛାତ୍ରଛାତ୍ରୀ ମାନେ କିପରି ଅଧିକ ମାର୍କ ରଖି ପାରିବେ, ସେ ସମ୍ପର୍କରେ ନିଜ ଅଭିଜ୍ଞତା ବିନିମୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦ୍ୱେଷ୍ଟ ଆଲିଆଁନସ, ଲୁଚନେଶ୍ୱରର ରାଜ୍ୟ ମୁଖ୍ୟ ସୁଲିକା ଫିହ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ପାଢ଼ୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପଶିଂ ରାଉତ, ଉପବିଭାଗ ଅଧିକାରୀ ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜିଲ୍ଲା ଂଚଯୋଜକ ବିରେନ୍ଦ୍ର ଆଚାର୍ଯ୍ୟ, ଂଚପସଖା ଶିକ୍ଷା ସେତୁ ଜିଲ୍ଲା ଂଚଯୋଜକ ପ୍ରଶାନ୍ତ କୁମାର ନନ୍ଦ ପ୍ରମୁଖ ସହଯୋଗ

ବିବିଧା

ରାଶିଫଳ

ମେଷ: ନିଜ ରୁଚି ଅନୁସାରେ କାମ କରିବେ। ବନ୍ଧୁ ମିଳନ ଯୋଗ ଦେଖିଛି। ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ। ଗୃହୁଣୀମାନେ ଆଶାର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ।

ବୃଷ: ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ନଜାଣାମୂଳ ପ୍ରତୁଷ୍ଟିର ଯୋଗଙ୍କ ସମ୍ପର୍କରେ ଆଲିମାରନ୍ତି। ଆକାଳର ଚଲିଅଛି ପୁରାତନ ସମସ୍ୟାରେ ଚରିପାରନ୍ତି। ଅମିତ୍ ସହକର୍ମୀଙ୍କ ସହଯୋଗ ମିଳିବ।

ମିଥୁନ: ଘରୋଇ ବିଚାର ଆଶା ପୂରଣ ହେବ। ମାନସିକ ଶାନ୍ତି ମିଳିବ। ଦୂରସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ। ଅତିଥି ଜାମ ପାଇଁ ଦୂରଯାତ୍ରାକୁ ଯାତ୍ରା କରିପାରନ୍ତି। ପରିଶ୍ରମ ଅନୁସାରେ ଫଳ ମିଳିବ।

କର୍କଟ: ଆଜି ପ୍ରୟାଣଶାଳା ଯୋଗଙ୍କ ସଂଭାବନା ଆସିପାରନ୍ତି। ନୂତନ ବାସିନ୍ଦା ମିଳିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ। ବୃଦ୍ଧମାନଙ୍କୁ ରାଜ୍ୟରେ ସମ୍ମାନ ଅତିଦାହିତ କରିବେ।

ସିଂହ: ଦିନଟି ଦକ୍ଷତାପୂର୍ଣ୍ଣରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ ବଧୂ ଆସାରେ ଦେବ। ନିଜ ସାମର୍ଥ୍ୟ ପ୍ରୟୋଗ ଅନ୍ୟମାନଙ୍କୁ ସାହାଯ୍ୟ କରିବେ।

କନ୍ୟା: କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ। ବିଳମ୍ବ ଲମ୍ବେଇ ଚଳମାନ ନିମନ୍ତ୍ରଣ ଲଭିପାରେ। ସର୍ଜନ୍ତ ହୋଇପାରନ୍ତି। ଆଜିର ସ୍ଥିତିରେ ଜନ୍ମନି ପରିଚାଳିତ ହେବ। ନିଯୁକ୍ତିକୁ ନେଇ ଚୁପି ଭଲର ମିଳିବ।

ତୁଳା: ପରିଶ୍ରମର ଫଳ ମିଳିବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗରେ ପ୍ରକାଶ କରନ୍ତୁନି। ଶାଶୁଘରେ ଏବଂ ମାମୁଘରେ ପରାମର୍ଶ ଅନୁସାରେ ଚଳିପାରନ୍ତି।

ବିଛା: ବ୍ୟବସାୟବୃଦ୍ଧି ପାଇଁ ନୂତନ ଯୋଜନା କରିବେ। ପିତାଙ୍କ ସହ ବୁଝାପଡ଼ା ଥିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମହଦାରୀ ଜାତି ସମ୍ମାନ ଅନୁକୂଳ ନୁହେଁ।

ଧନୁ: ଯୋଜନାମୁତାବକ କାମରୁ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ଦିନଯୋଧାଦାରୁ ପୁରୋଇ ଚଳିବେ। ପରିବାରମାନଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇପାରେ।

ମକର: ଆଧ୍ୟାତ୍ମିକ ସମ୍ପର୍କ ଦେଖା ହେବ। ସମୟର ସଠିକ ଉପଯୋଗ କରିବେ। ସାଙ୍ଗସାଥୀଙ୍କ ସହଯୋଗ ମିଳିବ। ପାରିବାରିକ କଳହରେ ବେଶେକ ସତର୍କତା ଅବଲମ୍ବନ କରିବେ।

କୁମ୍ଭ: ଦୀର୍ଘ ଦିନରୁ ଲାଖି ରହିଥିବା ସମସ୍ୟାର ସମାଧାନ ହେବ। ଗୁରୁଜନଙ୍କ ଆଶୀର୍ବାଦ ମିଳେ। ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ। ଅତିଥିସତ୍ତାର କାର୍ଯ୍ୟଭାର ଜମ୍ବୁ ହୋଇପାରେ।

ମୀନ: ଜଳିନିସାଙ୍କି ଷେତ୍ରରେ ସଫଳତା ମିଳିବ। ଠେକୁଆ ଦ୍ୱାରିନ୍ଦ୍ର ନେଇ ଭଲ ଭଲ ମଧ୍ୟରେ ମତ ଭେଦ ହୋଇପାରେ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

ଆଜିର ଇତିହାସ

- ୧୮୮୫ ଦିବସ ପ୍ରଥମ ପରିମ ପ୍ରସ୍ତୁତ ଜାରଖାଣ୍ଡ ସିଜନଲାଣ୍ଡରେ ଖୋଲିଲା।
- ୧୯୧୬- ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୪୪ ଆନ୍ଧ୍ରାଦାବ ଭୂସମ୍ପର୍କରେ ଦକ୍ଷାଦକ୍ଷା ଯୋଗୁଁ ୫୦୦ ଲୋକଙ୍କ ପ୍ରାଣହାନି।
- ୧୯୭୬- ଆମେରିକା ମହାଳାଣ୍ଡକୁ ଉପଗ୍ରହ ପ୍ରେରଣ କରା।
- ୧୯୮୮- ଆଲ୍ଲାଫଟ୍‌ଏଣ୍ଡ ବଂଶ୍ୟ ଭାରତୀୟ ବେଳମାରୋ ସ୍ୱାମିଜୀ ଜନ୍ମଲା।
- ୨୦୧୮ - ଭାରତ ଚତୁର୍ଥ ଥର ପାଇଁ ୧୯ ବର୍ଷରୁ କମ୍ ଟ୍ରିଜେଟ୍ ଚିଣ୍ଟକ ଦୂରିତିରା।

ଫୁଡ୍ ଭ୍ୟାନ୍‌ରେ ରାଜେଶ ଖାନ୍ନାଙ୍କ କାହାଣୀ

ଦିଲ୍ଲୀ ବାଣ୍ଡାଣ୍ଡ୍ରାଣ୍ଡରେ ଅଜ୍ଞା ଗୋଟିଏ ଛୋଟିଆ ଫୁଡ୍ ଭ୍ୟାନ୍ 'ଦ ଟ୍ରିଟ୍' ବରିଯିବାର ସିମ୍ପଥା ଅଭିନେତା ରାଜେଶ ଖାନ୍ନାଙ୍କ ସ୍ମୃତିକୁ ଅଜି ବି ସାଉଁରି ରଖିଛି। ତେବେ ଏହା ହେଉଛି ଏକ ଦିଆରା ରେଷ୍ଟୋରାଁ। ଏଠାରେ ରାଜେଶ ଖାନ୍ନାଙ୍କ ଫଟୋ, ଗୀତ ଏବଂ ବ୍ୟାଜର ସହିତ ତାଙ୍କ କାହାଣୀକୁ ମଧ୍ୟ ଗ୍ରାହକଙ୍କ ପାଖରେ ପରଷାଯାଏ। ଏହାର ମାଲିକ ବିମିଳ ଜୁନାଲ ପ୍ରବେଶର ରାଜେଶ ଖାନ୍ନାଙ୍କ ଜନ୍ମ ପ୍ରଶଂସକ। ସେ ପିଲାବେଳେ ତାଙ୍କ

ଅଭିନୀତ 'ଆରାଧନା' ଫିଲ୍ମ ଦେଖିଥିଲେ ଏବଂ ଦିନେ ରାଜେଶଙ୍କୁ ଭେଟିବାର ଇଚ୍ଛାଶକ୍ତି ତାଙ୍କର ପୂରା ଜୀବନକୁ ବଦଳାଇ ଦେଲା। ୧୯ ୯୩ ମସିହାରେ ଏହି ରେଷ୍ଟୋଟିଆ ଫୁଡ୍ ଭ୍ୟାନ୍ ଜନ ପଥରେ ଆରମ୍ଭ ହୋଇଥିଲା। ଏହାକୁ ସେତେବେଳେ ନିଜେ ରାଜେଶ ଖାନ୍ନା ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଚାଉଳଖଣ୍ଡାଙ୍କୁ ସ୍ଥାନାନ୍ତରିତ ହୋଇଥିଲା। ପୂରା କାମନ୍ଦ୍ରି ରାଜେଶ ଖାନ୍ନାଙ୍କ ଫଟୋରେ ପରିପୂର୍ଣ୍ଣ। ଯେଉଁଠି ଏଠାରେ ତାଙ୍କ ଗାଡ଼ି ଥି ଗୁଣ୍ଡରେ ଦାଉଥାଏ। ଅନ୍ୟପକ୍ଷରେ ରାଜେଶ ଖାନ୍ନା ଏହି କ୍ୟାମ୍ପର ଦେବର ଦ୍ୱାଣ୍ଡ ଆଉଜନ ନ ଥିଲେ, ସେ ଏଥିରେ ଦି ନିଜ ମନ ନିବେଶ କରିଥିଲେ। ଏଠାରେ ପରଖା ଯାଇଥିବା ୪୦ଟି ବ୍ୟଞ୍ଜନ ମଧ୍ୟରୁ ୨୫ଟି ତାଙ୍କ ଦ୍ୱାରା ମନୋନୀତ ହୋଇଥିଲା। ତାଙ୍କ ପସନ୍ଦିର ଚିତ୍ରା ଲୋଗା ଲଚି ଖାଦ୍ୟକୁ ସେ ନେଇଯାଆଁଲି ମେନ୍ଦୁଙ୍କରେ ସାମିଲ କରିଥିଲେ। ରାଜେଶଙ୍କ ଏଠାରେ ଅନେକ ଅଭିନେତା ଭାଗ୍ୟକୁ ଖାଦ୍ୟ ପରଖିଛନ୍ତି ଏବଂ ନିଜ ବହି ଅନେକ ପ୍ରଶଂସିତ୍ରିକୁ ଦି ଏଠାକୁ ଆଣିଛନ୍ତି। ସେହିପରି ଏଥେ ଦି ଏହି ରେଷ୍ଟୋରାଁ ରାଜେଶ ଖାନ୍ନାଙ୍କ ଜନ୍ମଦିନ ଏବଂ ପୁଣ୍ୟତିଥିରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଏହି ଦିନରେ ଏଠାରେ ମାଗଣା ଖାଦ୍ୟ ଏବଂ ଅନ୍ୟାନ୍ୟ ଜିନିଷ ଲୋକଙ୍କୁ ବଣ୍ଟାଯାଏ।

ଓଡ଼ିଶାରେ ଓଡ଼ିଆ ଫିଲ୍ମ ଶୁଟିଂ ପାଇଁ ଅନୁକୂଳ ପରିବେଶ

ଓଡ଼ିଶା ବହୁତ ଏବଂ ବାସ୍ତବ ଜୀବନରେ ଘଟଣା ଥିବା ଚାମତ୍କାର ଜଣେ ସୁନ୍ଦର ଲାଭାଣ୍ଡାରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ମାତ୍ରର ଜଣିଲା ସୁନ୍ଦର ମୋଟି ଏ ଜଣାଣିରେ ଦୀର୍ଘ ୫ ବର୍ଷ ଧରି କାମ କରୁଥିଲେ। ସେ ଲାଭୁଥିବେ ଅପିଥିରେ ତାଙ୍କର ବହୁବର୍ଷର ସହ ଭଲ ଦ୍ୱାର୍ଣ୍ଣ ଅଛି। ତେବେ

ବିବାହ ଛବି ଏକ ବିଶେଷ ଦିନରେ ସେ ଲେକଦ ତାଙ୍କ ଅପିଥିର ଛିଣ୍ଡି ଘନିଷ୍ଠ ବନ୍ଧୁଙ୍କୁ ନିମନ୍ତ୍ରଣ କରିବାର କଥା ଚିନ୍ତା କରିଥିଲେ। ହେଲେ ଅଳ୍ପ କଳିଷ୍ଟ ଆମନ୍ତ୍ରଣ କରି ଅନ୍ୟମାନଙ୍କୁ ନ ବଲେ ଅଫିସ୍‌ରେ ଭୁଲବୁଝାମଣା ସୃଷ୍ଟି ହେବ। ତେଣୁ ସେ ତାଙ୍କ ବିଭାଗର ପ୍ରାୟ ୭୦ ଜଣଙ୍କୁ ବିବାହ ନିମନ୍ତ୍ରଣ ଦେଲେ। କାମ ପୁଣି ହୁଲ ମାତ୍ର ମୁଟ୍‌ରୁ। ଲେକଦ ସେତେବେଳି କୁହେଁ, ନିଜ ଜାହପରେ ପୂର୍ବରୁ କେତେକଙ୍କୁ ବିବାହ ଜାଯାଇ ବି ଦେଲେ। ହେଲେ ବାହାଘର ଦିନ ଯାହା ଘଟିଲା, ତାଙ୍କ ମନ ଭାଙ୍ଗିଗଲା। ୭୦ଜଣଙ୍କ ମଧ୍ୟରୁ ମାତ୍ରାଗଲାଇ ଦେବଦ ତାଙ୍କର ଜଣେ ନିଃସହଚର୍ଯ୍ୟ ଆସିଥିଲେ। ସେ ପୁଣି ତାଙ୍କ ଜୁନିୟର ଥିଲେ ଏବଂ ଜର୍ଜିଂ ବୃଷ୍ଟିରୁ ଆଶ୍ରିତ। ସୁତରାଂ ଜଣଙ୍କ ଅନୁଭବ କରିଲିଲେ। ଅଫିସ୍ ଲୋକଙ୍କ ଜାରି ସେ ଶତି ବଡ଼ ଗେଟୁଲ ବୁଝ୍ କରିଥିଲେ ଏବଂ ସେମାନଙ୍କୁ ଖାଇ ପଚିଲା। ଜମନ୍ତ ଖାଦ୍ୟ ବନ୍ଧ ଦେବା ବଦଳେ ତାଙ୍କ ଲୋକ ଏବଂ ଶୁଶ୍ରୂଷା ପର ଲୋକଙ୍କ ପାଖରେ ଏଥିପାଇଁ ଲଜ୍ଜିତ ହୋଇଥିଲେ। ଘଟଣାଟି ତାଙ୍କୁ ଦୁଃଖଦେବା ସତ୍ତ୍ୱେ ସେ ଭାଙ୍ଗି ପଡ଼ିଲେ। ସେ ଭାବିଲେ, ଯେଉଁମାନଙ୍କ ସହିତ ସେ ପ୍ରାୟ ଦର୍ଶ ଧରି କାମ କଲେ, ସେମାନେ ଦେହିଟି ତାଙ୍କ ଜୀବନକୁ ଦୁର୍ବିଷହ କରିଦିଏ। ବିବାହ ପର ଦିନ ସେ ଅଫିସ୍ ଗଲେ ଏବଂ ଚାକିରିରୁ ଇସ୍ତଫା ଦେଲେ। ସେହିପରି ସେ ତାଙ୍କର ଏହି କାହାଣୀକୁ ସାମାଜିକ ଜଣସମ୍ପର୍କମାନେ ସେଲେଲ କରିବା ପରେ ସମସ୍ତଙ୍କ କଳନାକୁ ଆକିଛି। ତା'ପର ଅଫିସ୍ ବନ୍ଧୁତା ଜ'ଙ୍କ ପ୍ରତୁତ ବନ୍ଧୁତା ଦେଖି ତାଙ୍କର ଏହି କାହାଣୀ ପ୍ରଚାରକ୍ରମ ସୃଷ୍ଟି କରିଛି।

ଓଡ଼ିଶାରେ ଓଡ଼ିଆ ଫିଲ୍ମ

ଏସ୍.ଏସ୍. ରାଜମୌଳିଙ୍କ ଫିଲ୍ମ 'ବାହୁବଳୀ' ଏବେ ଏହାର ବଜେଟ୍ ଓ ଷ୍ଟାରକାଷ୍ଟକୁ ନେଇ ଚର୍ଚ୍ଚାରେ। ଏହାକୁ ଭାରତୀୟ ସିନେମା ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଇଛି। ଏପିରେ ଲିଡ୍ ରୋଲରେ ମହେଶବାବୁ, ପ୍ରଭାସ୍‌ଙ୍କ ସୁକୁମାରନ୍ ଓ ପ୍ରିୟଙ୍କା ଚୋପ୍ରା ଦେଖା ଦେଇଛନ୍ତି। ଚଳଚ୍ଚିତ୍ର ବଜେଟ୍‌ରୁ ଫିଲ୍ମର ପ୍ରଯୋଜକ ଏଥାର ଦାଗଟ୍‌ଟି ଘୋଷଣା କରିବା ପାଇଁ ହାଇଦ୍ରାବାଦରେ ଏକ ଜନ୍ୟ ସମ୍ମାନୋତ୍ସବ ଆୟୋଜନ କରିଥିଲେ। ଏବେ ଏହି ଫିଲ୍ମର ରିଲିଜ୍‌କୁ ନେଇ ଖବର ଆସିଛି। ରାଜମୌଳି ସାମାଜିକ ଗଣମାଧ୍ୟମରେ ଫିଲ୍ମର ଏକ ପୋଷ୍ଟର୍ ପୋଷ୍ଟ କରି ରିଲିଜ୍ ତାରିଖରେ ଘୋଷଣା କରିଛନ୍ତି। ପୋଷ୍ଟରରେ ଏକ ଭାଲ୍‌କାପିଛା ପୁରିବା ଭାପରେ ଢାଙ୍କି ଧ୍ୱଂସ ହେଉଥିବାର ଦେଖାଯାଉଛି। ଏହା ୭ ଏପ୍ରିଲ, ୨୦୨୫ରେ ଆସିବ ବୋଲି ଏପ୍ରିଲ ଲମ୍ବେଇ ଅଛି। ଫିଲ୍ମରେ ରୁଦ୍ର ଭୂମିକାରେ ମହେଶବାବୁ, ମାହାଦିନୀ ଭୂମିକାରେ ପ୍ରଭାଙ୍କ ଓ ଖଳନାୟକ ଭୂମିକାରେ ସୁକୁମାରନ୍, ଜଙ୍ଗରେ ଆଶିରେ। ଏହି ଫିଲ୍ମକୁ ଏକାଧିକ ଭାଷାରେ ରିଲିଜ୍ କରାଯିବ। ସୋଶାଲି ଆସନ୍ତା ବର୍ଷ ଏପ୍ରିଲ୍ ୭ରେ ଗରାଟି ଓ ତୁଟ୍ରିପ୍ରସ୍ତ। ପାନନ ବରାଯାଉଥିବାରୁ ରାଜମୌଳି ରିଲିଜ୍ ପାଇଁ ଏହିବେଳ ବାଛିଥିଲା। ବର୍ତ୍ତା ଜେଲଛି। ଫିଲ୍ମର ବଜେଟ୍ ୭୬୦୦ କୋଟି କରିଛି।

ସ୍ମାର୍ଟ ଉପାୟରେ ଫସଲ ସୁରକ୍ଷା

ବର୍ତ୍ତମାନ କମ୍ ତାପମାତ୍ରା ଏବଂ କୁହୁଡ଼ି ଯୋଗୁଁ ଟମାଟୋ, ଲଙ୍କା, ବାଇଗଣ, ଫୁଲକୋବି ଆଦି ଫସଲ ନଷ୍ଟ ହେଉଛି। ତେଣୁ ଚାଷୀମାନେ ଠିକ ସମୟରେ ଜଳ ଯୋଗାଣ, ପଲିହାଉସ୍ ବା ଜାଲି ବ୍ୟବହାର ଆଦି ବିଷୟକୁ ଧ୍ୟାନ ଦେଇ ଫସଲକୁ ସୁରକ୍ଷା ଦେଇପାରିବେ।

ଶୀତଋତୁରେ ଫସଲର ସୁରକ୍ଷା ପାଇଁ ସହଜ ଜାଲି ବା ପଲିହାଉସ୍ ବ୍ୟବହାର କରିପାରିବେ। ଏହା ଫସଲକୁ ଥଣ୍ଡା ଏବଂ ତୁଷାରୁ ସୁରକ୍ଷା ଦେଇଥାଏ। ରାସାୟନିକ ଉପାୟର ପରିବର୍ତ୍ତେ ଫସଲକୁ ଶୋଷକ ଦ୍ୱାରା ମିଶ୍ରଣ ପାଇଁ ଥିଆମିଥେକ୍ସାମ ବ୍ୟବହାର କରାଯାଏ। ଫସଲ ଅମ୍ଳତା ଦ୍ୱାରା ପ୍ରଭାବିତ ହେଲେ ଚୂନ ଏବଂ ମାଟି ପୁଣ୍ଡ ସୁଲଭ।

ଫସଲରେ ଚକ ଅଘାତ ନ ରହିବାକୁ ହୁଏତା ଜଳସିଞ୍ଚନ ବା ସ୍ପ୍ରିଙ୍କଲର ବ୍ୟବହାର ଉପଯୁକ୍ତ। ଏହାଦ୍ୱାରା ଫସଲ ମୃଦୁ ଜଳ ମିଳିଥାଏ। ତେଣୁ ସମୟରେ ସମୟରେ ହାଲୁକା ଜଳ ସିଞ୍ଚନ କରିଯାଉଛିବ। ଏହା ଦ୍ୱାରା କୁହୁଡ଼ିରୁ ଫସଲ ସୁରକ୍ଷିତ ରହିଥାଏ। ପର୍ଦ୍ଦା ଘରରେ ଶୁଖିଲା ଏବଂ ଗୋଳଗ୍ରସ୍ତ ପତ୍ର ଫଗାଇ ଦେବା ଜରୁରୀ। ଏହାଦ୍ୱାରା ଗଛରେ ଫୁଲ ଓ ଫଳର ବିକାଶ ହୋଇଥାଏ।

ସୁବର୍ଣ୍ଣୋ

ଅର୍ଥନୈତିକ ବିକାଶ ପଥେ ଅଭିବୃଦ୍ଧି ଏଫ୍‌ପିଓ

କ୍ଷିପ୍ର ବ୍ୟବସାୟରେ ପରିଣତ ହେଉଛି ଗ୍ରାମର ଅର୍ଥନୀତିକୁ ଏକ ନୂଆ ଦିଶା ଦେବାରେ ଅନନ୍ୟ ଭୂମିକା ଗ୍ରହଣ କରିଛି ଗ୍ରାମ୍ୟ ଚାଷୀଙ୍କ ବୃଦ୍ଧିର ଉତ୍ପାଦକ ସଂଗଠନ'। ବାଣ୍ଡାଙ୍କ ଆଣ୍ଠ ବୃଦ୍ଧି ଉତ୍ପାଦକ ସଂଗଠନଟି ୨୦୨୪ ଅପ୍ରେଲ ରେ ଗଠିତ ହୋଇଥିଲା। ସଂଗଠନଟି ଚିମାନାନ୍ଦ, ଧାମ, ପରିବାରାଣ୍ଡ ସହିତ ସଦସ୍ୟଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଓଡ଼ିଶା କୃଷି ଓ ବୈଷ୍ଣବିକ ବିଷୟବସ୍ତୁର ଦ୍ୱାରା ପରିଚାଳିତ 'ମସ୍ତରେ ମ୍ୟାଟ ଏକ୍ସେଲ୍ସ' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, ବାଇଜେଷ୍ଟ ପ୍ରଶିକ୍ଷଣ, ଷ୍ଟେଷ୍ଟ ପରିବର୍ତ୍ତନ ଭଳି ସହଯୋଗ ଯୋଗାଇ ଦିଆଯାଇଛି। ଏହି ସଂଗଠନ କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ଼ ଓ ରାଜ୍ୟର କୃଷି ଓ ଉଦ୍ୟାନ ବିଭାଗ ଭଳି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥାର ସହଯୋଗ ପାଇ ନିଜ କାର୍ଯ୍ୟକ୍ଷମତାକୁ ଏପରି ଗାଢ଼ରେ ବିକାଶ କରିପାରିଛି। ଏହି ସଂଗଠନ ଦ୍ୱାରା ଚାଷୀମାନଙ୍କ ପାଇଁ ଆଧୁନିକ ଚାଷ ପଦ୍ଧତି ଶିକ୍ଷା ଦେବା ସହିତ ଉନ୍ନତ ମାନର ବିହନ, ସାର ଓ ଜୈବିକ ସାର ଯୋଗାଣ କରାଯାଇଛି। ଏହା ବ୍ୟତୀତ ଚାଷୀମାନଙ୍କ ଉତ୍ପାଦିତ ଦ୍ରବ୍ୟର ବଜାର ସୁବିଧା ଯୋଗାଇ ଦେବା ପାଇଁ ସଂଗଠନ ଚେଷ୍ଟା କରୁଛି। ଏହି ସଂଗଠନ ଦ୍ୱାରା ଚାଷୀମାନଙ୍କ ଉତ୍ପାଦିତ ଦ୍ରବ୍ୟ ଗ୍ରାମ ସ୍ତରରେ ବିକ୍ରୟ କରିବା ପାଇଁ ବିଭିନ୍ନ ସ୍ଥାନରେ ଦୋକାନ ଖୋଲାଯାଇଛି। ଚାଷୀମାନେ ଏହି ଦୋକାନରେ ନିଜ ଉତ୍ପାଦିତ ଦ୍ରବ୍ୟ ବିକ୍ରୟ କରିପାରନ୍ତି। ଏହା ବ୍ୟତୀତ ଚାଷୀମାନଙ୍କ ଉତ୍ପାଦିତ ଦ୍ରବ୍ୟ ଅନ୍ୟ ଜିଲ୍ଲା ଓ ରାଜ୍ୟର ବଜାରରେ ବିକ୍ରୟ ପାଇଁ ସଂଗଠନ ଦ୍ୱାରା ଚେଷ୍ଟା କରାଯାଉଛି। ଏହି ସଂଗଠନ ଦ୍ୱାରା ଚାଷୀମାନଙ୍କ ପାଇଁ ଆଧୁନିକ ଚାଷ ପଦ୍ଧତି ଶିକ୍ଷା ଦେବା ସହିତ ଉନ୍ନତ ମାନର ବିହନ, ସାର ଓ ଜୈବିକ ସାର ଯୋଗାଣ କରାଯାଇଛି। ଗ୍ରାମ୍ୟ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ବଜାର ସୁବିଧା ଯୋଗାଇ ଦେବା ପାଇଁ ସଂଗଠନ ଚେଷ୍ଟା କରୁ

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୪ ଫେବୃଆରୀ ୨୦୨୬

ମାଓମୁକ୍ତ ହେବ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହେବେ ପୃଥିବୀର ସର୍ବବୃହତ ଲୋକତନ୍ତ୍ରର ସର୍ବୋଚ୍ଚ ନେତା ଦୃଢ଼ଭାବେ ସେ ତାଙ୍କ କାର୍ଯ୍ୟଶୈଳୀରେ ଶାସନ ପଦ୍ଧତିରେ ଦେଶବାସୀଙ୍କୁ ଯୋଡିବାର ବଖରାରେ ମଧ୍ୟ ଦେଶ ନିପୁଣ । ସେ ତାଙ୍କର ବାର୍ତ୍ତାରେ ଦେଶବାସୀଙ୍କ ପାଇଁ ସର୍ବଦା ଲକ୍ଷ୍ୟପ୍ରାପ୍ତି ହେବା ପାଇଁ ଉତ୍ସାହିତ କରିଥାନ୍ତି । ତାଙ୍କର ସେଇଭଳି ପ୍ରେରଣାଦାୟକ ତଥା ଲୋକପ୍ରିୟ ଶବ୍ଦ ମଧ୍ୟରୁ 'ସଂକଳ୍ପରୁ ସିଦ୍ଧି' ଦେଶ ହୃଦୟଙ୍ଗମ ତଥା ପ୍ରଭାବୀ । ଭାରତର ବିକାଶରେ ଅନ୍ୟତମ ବାଧା ସୃଷ୍ଟି କରିଥିବା ମାଓବାଦର ଜଡଠୁ ଉପାଡି ଫିଙ୍ଗିବା ପାଇଁ ଟିଷା କରିବା ସବିଡି କଳ୍ପନାଅତୀତ ଥିଲା ଦିନେ ହାଣ୍ଡୀରୁଣ୍ଡ ଧାରା ୩୬୦ରୁ ଉଚ୍ଛେଦ କରିବା ଯେତିକି ଅସମ୍ଭବ ମନେ ହେଉଥିଲା ବା ଚିନି ତଲାକ ପ୍ରଥାର ଉଚ୍ଛେଦ, ସିଏଏର ପ୍ରଣୟନ, ଏନଆରସି , ୟୁନିଫର୍ମ ସିଭିଲ କୋର୍ଡ ବା ଅଯୋଧ୍ୟାରେ ରାମଲାଲାଙ୍କ ଭବ୍ୟ ମନ୍ଦିର ନିର୍ମାଣ । ଏ ସବୁ ସେହି ସଂକଳ୍ପରୁ ସିଦ୍ଧି ମନ୍ତ୍ରରେ ସମ୍ଭବ ହୋଇଛି । ଏହାକୁ କୌଣସି ବ୍ୟକ୍ତି ଏକାକୀ କରିନାହିଁ ବରଂ ଦେଶର କାର୍ଯ୍ୟପନ୍ଥା ଓ ଦୃଢ ନୀତିନିର୍ଦ୍ଧାରଣ ସୂଚନ ପରମ୍ପରାରୁ ଏକ ସାମୁହିକ ରାଷ୍ଟ୍ରବାଦରୁ ସ୍ୱତଃ ସୃଷ୍ଟି ହେଉଥିବା ଅଦିନାଶୀ ଊର୍ଜାରୁ ସମ୍ଭବ ହୋଇପାରିଛି । ଦେଶ ସ୍ୱାଧୀନ ପରଠାରୁ ଗୋଡିଏ ପଟେ ଗାନ୍ଧୀ ନେହରୁ ଗୋରା ଚାଲିଗଲା ପରେ ଏବେ ଆମ ପାଳି ଭାବି ଦେଶକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବେ ମନେ କରି ଚଳୁଳକିବାର ପରମ୍ପରା ଅଯୋଷିତ ଭାବେ ସ୍ଥାପିତ କରିଥିଲେ । ଏହି ଆପେ ବଦିଲେ ବାପାର ନାଁ ନୀତି ଆମ ଶାସନ ବ୍ୟବସ୍ଥାକୁ ଏତେ ଜଳୁଷିତ କରିଦେଲା ଯେ, ଦେଶର ସମ୍ପତ୍ତିକୁ ଅଧିକାରୀ ନେତା ଓ ଅସାଧୁ ବେପାରୀ ମିଳିତ ଭାବେ ସର୍ବସ୍ୱ ଲୁଟିନେଲେ । ତେବେ ଅନ୍ୟପଟେ ସମସ୍ତ ଦେଶ ସ୍ୱାଧୀନତା ପୂର୍ବରୁ ପରାଧୀନତାରୁ ମୁକ୍ତିର ପରାଧୀନତାରୁ ମୁକ୍ତି ଗୋଟିଏ ମନ୍ତ୍ର ଜଂଗ୍ରେସର ଛଡା ତେଜ ଏକହୋଇ ଜପୁଥିବାରୁ ସେଇଭଳି ସଶକ୍ତ ବିରୋଧୀ ଦେଶ ସ୍ୱାଧୀନ ସମୟରେ ନଥିଲେ । ବ୍ରିଟିଶରଙ୍କ ଦ୍ୱାରା ବାଟଂ ଓ ଶାସନ ଜର ଯୋଜନା ସ୍ୱରୂପ ଦେଶ ସ୍ୱାଧୀନ ହେବା ପୂର୍ବରୁ ଏହାକୁ ହିନ୍ଦୁ ଓ ମୁସଲିମ ଭାବେ ଦୁଇଭାଗ କରି ତିନି ଖଣ୍ଡ କରିବାରେ ସେମାନେ ସଫଳ ହୋଇଥିଲେ । ତେବେ ପାକିସ୍ତାନ ଗଠନ ପଛରେ ଥିବା ମୁସଲିମ ଲିଗ ପରେ ଏହାର ଅସ୍ତିତ୍ୱ ହରାଇଥିବାରୁ ପରବର୍ତୀ ପର୍ଯ୍ୟାୟରେ ଭାରତବିରୋଧୀ ତତ୍ପମାନେ ବାମପନ୍ଥୀ ବିଚାରଧାରାରେ ନିଜ ନିଜର କାୟା ବିସ୍ତାର କରିଚାଲିଲେ । ଜଂଗ୍ରେସ ସରକାର ନିଜର ଗାଦି ବଂଚାଇବାରେ ଲାଗିଥିଲା ଓ ଅପରପକ୍ଷରେ ଦେଶର ବଢବଢ ପଦପଦବୀରୁ ବାମପନ୍ଥୀ ବୁଦ୍ଧିଜୀବୀମାନେ ମାଡିବସିଥିଲେ । ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଦେଶବିରୋଧୀ ତତ୍ତ୍ୱକୁ ଜଂଗ୍ରେସ ସରକାର ଲାଣିଶୁଣି ଅଣଦେଖା କରିଚାଲିଥିଲା । ଯାହାର ଫଳସ୍ୱରୂପ ପରବର୍ତୀ ପର୍ଯ୍ୟାୟରେ ଆଜକୁ ଠିକ ଦୁଇ ଦଶକ ତଳେ ଆଦିବାସୀମାନଙ୍କ ସ୍ୱାର୍ଥ ନାମରେ ବିହାରଝାଡଖଣ୍ଡ ଅଂଚଳର ମାର୍କ୍ସିଷ୍ଟ କମ୍ୟୁନିଷ୍ଟ ସେଂଟର ବା ଏମସିସି ଓ ପିପୁଲ୍ସ ୱାର ଗ୍ରୁପ ବା ପିଡବ୍ଲୁଜି ପରଷ୍ପରସହ ହାତମିଳାଇ ମାଓଇଷ୍ଟ କମ୍ୟୁନିଷ୍ଟ ନାମରେ ଉତ୍ପାତ ଓ ହିଂସାର ମାଓବାଦର ନୂଆ ଆଧାର ସୃଷ୍ଟି କଲେ । ତେବେ ଦିନକୁ ଦିନ ଏହା ଦେଶପାଇଁ ସବୁଠାରୁ ବଡ ଆଭ୍ୟନ୍ତରୀଣ ସମସ୍ୟା ସୃଷ୍ଟି କରିଥିଲା । ଏକଦା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ କହିଥିଲେ ଯେ, ଦେଶପାଇଁ ସବୁଠାରୁ ବଡ ବିପଦ ମାଓବାଦରୁ ହିଁ ଅଛି । ତେବେ ମାଓବାଦ ଉପରେ ବିଗତ ସରକାରମାନ ମଧ୍ୟ ସଶକ୍ତ ଥିଲେ । ଯପା ସରକାର ସମୟରେ ଯେତେବେଳେ ୨୦୦୯-୧୦ ସମୟରେ ଦେଶରେ ମାଓବାଦ ଚରମରେ ଥିଲା ସେତେବେଳେ ଏହାକୁ ଦମନ କରାଯିବା ପାଇଁ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଯୋଜନା କରିଥିଲେ । କିନ୍ତୁ ଅନ୍ୟତ୍ର ନିଷ୍ଠାପୂର୍ବକ ଅନେକ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ସାପକୁ ଡା ଗାଡରୁ କାଢିବା ପାଇଁ ଅତି ଗମ୍ଭୀରତାର ସହ କାର୍ଯ୍ୟ କରିଥିଲେ । ୨୦୧୪-୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଥମରୁ ତିନୀ ଫୁରସତରେ ଦେଶପାଇଁ କିଛି କାର୍ଯ୍ୟ କରିବାର ପ୍ରବଳ ଆଗ୍ରହ ଥିଲା । ମାଓବାଦକୁ ଦମନ କରିବାକୁ ମୋଦୀ ସରକାର ଅନ୍ୟତମ ମୌଳିକ ଲକ୍ଷ୍ୟ ଭାବେ ସ୍ଥିର କରିଥିଲେ ଓ ୨୦୧୫ରେ ବ୍ଲୁ ଆଜ୍ଜନ ପ୍ଲାନ ପ୍ରସ୍ତୁତ ହେଲା ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଆମୀତ ସାହା ବିଗତ ବିନମାନଙ୍କରେ ତାଙ୍କ ଶାସନ ଜାଳରେ କିପରି ଭାବେ ମାଓବାଦକୁ ଦୃଢ ହସ୍ତରେ ଦମନ କରାଯାଇଛି ତାହାର ତଥ୍ୟ ରଖିଥିଲେ । ୨୦୧୬ ଶେଷସୁଦ୍ଧା ଭାରତ ସରକାର ସମସ୍ତ ଦେଶରୁ ମାଓବାଦକୁ ମୂଳୋତ୍ପାଟନ କରିବାର ଲକ୍ଷ୍ୟ ରଖିଛନ୍ତି । ଏହି କ୍ରମରେ ୨୦୨୨ରେ ମାଓ କାର୍ଯ୍ୟକଳାପ ୭୬ ପ୍ରତିଶତ ହ୍ରାସ ପାଇଥିଲା । ମାଓଝିଂସା ମଧ୍ୟ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଛି । ଦେଶରେ ୫୦୦ରୁ ଊର୍ଦ୍ଧ୍ୱ ସୁରକ୍ଷା କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ୬୦୦ରୁ ଊର୍ଦ୍ଧ୍ୱ ପୋଲିସ କ୍ଷେତ୍ରକୁ ମାଓବାଦ ବିରୋଧରେ ଲଢିବା ପାଇଁ ସ୍ୱତନ୍ତ୍ର ତାଲିମ ଦିଆଗଲା । କିନ୍ତୁ ବିଗତ ବିନମାନଙ୍କରେ ମାଓ ମୁଖିଆ ମାନଙ୍କୁ ଖୋଜି ନିପାତ କରିବା ସେତେଦୂର ସମ୍ଭବ ହେଉନଥିଲା କିନ୍ତୁ ବର୍ତ୍ତମାନ ଏକପ୍ରକାର ମାଓବୁର୍ଜୁ ମୁରବାଣ୍ଡାନ୍ତ୍ୟ ହୋଇଯାଇଛି । ସରକାର ମାଓଅଧ୍ୟୁଷିତ ଆଦିବାସୀ ଅଂଚଳରେ ଆଦିବାସୀମାନଙ୍କ ସହ ସେମାନଙ୍କ ପାଇଁ ମେଡିକାଲ, ଶିକ୍ଷା ଓ ରାସ୍ତା ନିର୍ମାଣକୁ ତ୍ୱରାନ୍ୱିତ କରିଥିଲେ । ମାଓବାଦକୁ ଦମନ କରିବା ପାଇଁ ୧୫୦୦କୋଡି ଟଙ୍କାର ଏକ ବୃହତ ରାଶୀ ମଧ୍ୟ ସରକାରଙ୍କୁ ଡହଚିଲାରୁ ଖର୍ଚ୍ଚ ହୋଇଥିଲା । ତେବେ ଅନ୍ୟ ଏକ ବଡ ଉପଲବ୍ଧି ସରକାରଙ୍କୁ ମିଳିଥିଲା ଜେଲର୍ଡ ସଂଖ୍ୟାରେ ମାଓବାଦୀ ମାଓବାଦକୁ ପରିହାର କରି ସମାଜର ମୁଖ୍ୟସ୍ରୋତରେ ମିଶିବା ପାଇଁ ଚେଷ୍ଟା କରୁଛି । ଦେଶର ବିକାଶ ପାଇଁ ଯେପରି ଭାବେଁ ସ୍ୱାଶ୍ରର ହେବା ସମସ୍ତଙ୍କୁ ଆବଶ୍ୟକ ଠିକ ସେହିପରି ଆଦିବାସୀ ଅଂଚଳକୁ ଗମନାଗମନର ବିକାଶ କରି ସେଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କୁଟିଆଦି ଢାଚାଙ୍କୁ ପରିବର୍ତ୍ତନ କରିବା ପରେ ମାଓବାଦ ଏବେ ହେବକ ଆବଶ୍ୟକିହୀନ ଓ ଦୃଢ ଅବନତୀ କରୁଥିବା ଏକ ଢାଚା ଆବାୟକାରୀ ସଂସ୍ଥାରେ ପାଲଟିଛି । ପୂର୍ବରୁ ବିଦେଶୀ ଏନଜିଓ ସଂସ୍ଥାମାନଙ୍କ ଦ୍ୱାରା ଭାରତବିରୋଧୀ ଶକ୍ତି ଭାବେ ମାଓବାଦକୁ ଗୁପ୍ତ ପ୍ରୋତ୍ସାହନ ଥିବାରୁ ଏହାକୁ ଧିରେ ଧିରେ ସେମାନଙ୍କ ପୁଞ୍ଜିର ସ୍ରୋତ ଉପରେ ଲଗାମ ବଢାଯିବାରୁ ଧିରେଧିରେ ମାଓବାଦୀମାନଙ୍କୁ ଆର୍ଥିକ ସହାୟତା ମିଳିବା ବନ୍ଦ ହେବା କାରଣରୁ ଏବେ ମାଓବାଦକୁ ସେଭଳି କେହି ନୂଆଭାବେ ସବସ୍ୟତା ଗ୍ରହଣ କରୁନାହାଁନ୍ତି ଓ ଦିନକୁ ଦିନ ଏହା ଦୁର୍ବଳ ହେବାରେ ଲାଗିଛି । ମାଓଅଧ୍ୟୁଷିତ ଅଂଚଳରେ ପୂର୍ବରୁ ନିର୍ବାଚନରେ ଶତକଡା ୫୦ ପ୍ରତିଶତ ମଧ୍ୟ ଭାଗ ନେଉନଥିବା ବେଳେ ଏବେ ୭୦ପ୍ରତିଶତ ମତଦାନ ହିଁ ସେଠାରେ ଲୋକେ ମାଓବାଦ ପରି....

ଆଉ ୮୫ ସେକଣ୍ଡ !

ଅଦୂରଦର୍ଶୀ ଓ କୁତ୍ସିଝଂସପନ୍ନ ଜେତେକ ରାଷ୍ଟ୍ର ମୁଖ୍ୟଙ୍କ ହେପାଜତରେ ବିକଶିତ ହେଉଥିବା କୃତ୍ରିମ ବୁଦ୍ଧିମତ୍ତା ଯେ ମାନବର ଅଧିକାରରୁ ପୃଥିବୀକୁ ଅତିରେ ଛଡ଼ାଇ ନେବ, ସେ ଆଶଙ୍କା ମଧ୍ୟ ଦିଶିଲାଣି । ତେଣୁ, 'ମହାବିଲୟ ଘଟଂ'ର ଜଟାଂ ମଧ୍ୟ-ରାତ୍ର ଆଡ଼କୁ ଆଉ ୫ ସେକଣ୍ଡ ଅଗ୍ରସର ହୋଇଯିବାରେ ବିସ୍ମୟର କୌଣସି କାରଣ ନ ଥାଏ; ଏଭଳି ସ୍ଥିତିରେ 'ମହାବିଲୟ ଘଟଂ'ରୁ ମିଳୁଥିବା ସୂଚନାକୁ ଅହେତୁକ ଭୟର ସୃଷ୍ଟିରୂପ ବୋଲି ବିବେଚନା କରିବା ମଧ୍ୟ ବୁଦ୍ଧିମାନର କାର୍ଯ୍ୟ ନୁହେଁ । ଗଲା ଜାନୁଆରି ୨୭ ତାରିଖରେ ମଧ୍ୟ-ରାତ୍ର ହେବାକୁ ଠିକ୍ ୮୫ ସେକଣ୍ଡ ବାକି ବୋଲି ସୂଚନା ଦେଇ ବରବରୁଆରେ 'ଭୂମ୍ବ ଡେ କ୍ଲକ୍' ବା 'ମହାବିଲୟ ବିଦସ ଘଟଂ'ର ଜଟାଂକୁ ମିଳେଇ ଦିଆଯାଇଛି; ଯାହାର ଅର୍ଥ ସେହି ନିର୍ଦ୍ଦିଷ୍ଟ ଘଟଂ ଅନୁସାରେ ପୃଥିବୀ ଧ୍ୱଂସ ହେବାକୁ ମାନବ ଜାତିର ହାତରେ ଅଛି ଆଉ ମାତ୍ର ୮୫ ସେକଣ୍ଡ । 'କୁଲେଟିନ ଅଫ ଏଟୋମିକ ସାଇଣ୍ଟିଷ୍ଟସ' ପକ୍ଷରୁ ପ୍ରସ୍ତୁତ ଏହି ଘଟଂର ୭୯ ବର୍ଷର ଇତିହାସରେ ପୃଥିବୀ ପ୍ରଥମ ଥର ଲାଗି ନିଶାର୍ଦ୍ଧ ଅର୍ଥାତ୍ ମହାବିନାଶର ଏତେ ସନ୍ନିକଟ ହୋଇଛି ! ଘଟଂର ଜଟାଂକୁ ଏହି ନିର୍ଦ୍ଦିଷ୍ଟ ବିନ୍ଦୁରେ ମିଳାଇବା ସହିତ 'କୁଲେଟିନ ଅଫ୍ ଏଟୋମିକ ସାଇଣ୍ଟିଷ୍ଟସ'ର ପ୍ରତିନିଧିଙ୍କ ପକ୍ଷରୁ କୁହାଯାଇଛି ଯେ ପୃଥିବୀ ଧ୍ୱଂସ ହେବାକୁ ମାନବ ଜାତିର ହାତରେ ଅଛି ଆଉ ମାତ୍ର ୮୫ ସେକଣ୍ଡ । 'କୁଲେଟିନ ଅଫ ଏଟୋମିକ ସାଇଣ୍ଟିଷ୍ଟସ' ପକ୍ଷରୁ ପ୍ରସ୍ତୁତ ଏହି ଘଟଂର ୭୯ ବର୍ଷର ଇତିହାସରେ ପୃଥିବୀ ପ୍ରଥମ ଥର ଲାଗି ନିଶାର୍ଦ୍ଧ ଅର୍ଥାତ୍ ମହାବିନାଶର ଏତେ ସନ୍ନିକଟ ହୋଇଛି ! ଘଟଂର ଜଟାଂକୁ ଏହି ନିର୍ଦ୍ଦିଷ୍ଟ ବିନ୍ଦୁରେ ମିଳାଇବା ସହିତ 'କୁଲେଟିନ ଅଫ୍ ଏଟୋମିକ ସାଇଣ୍ଟିଷ୍ଟସ'ର ପ୍ରତିନିଧିଙ୍କ ପକ୍ଷରୁ କୁହାଯାଇଛି ଯେ ଏହାର ଲକ୍ଷ୍ୟ ହେଉଛି ଚେତାଇ ଦେବା ଯେ ପୃଥିବୀ ତା'ର ଇତିହାସରେ ସର୍ବାଧିକ ବିପଦାପନ୍ନ ସ୍ଥିତିରେ ଉପନୀତ । କହିବା ବାହୁଲ୍ୟ, ଏଭଳି ଚେତାବନୀକୁ ବୃଥା ଆଶଙ୍କା ଓ ଆତଙ୍କ ସୃଷ୍ଟିର ପ୍ରୟାସ ବୋଲି ଅନେକରୁ ଅଛିହିତ କରାଯାଇଥିବା ବେଳେ ପ୍ରଶ୍ନ ଉଠିଥାଏ ଯେ 'ମହାବିଲୟର ଘଟଂ'ର ସଂକେତକୁ କିଭଳି ଗୁରୁତ୍ୱ ଦିଆଯିବା ଉଚିତ ? ସୁତରାଂ, ଏହି ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ବିଶେଷ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ପ୍ରଥମ ଥାଉ କି ଦ୍ୱିତୀୟ ମହାଯୁଦ୍ଧରେ ପରମାଣୁ ବୋମା ଦ୍ୱାରା ସୃଷ୍ଟ ବିଭୀଷିକାର ଚାକ୍ଷୁସ ପ୍ରମାଣ ପାଇଯିବା ପରେ ମ୍ରିୟମାଣ ଆଲବର୍ଟ ଆଇନଷ୍ଟାଇନଙ୍କ ସମେତ ଏହି ବୋମା ନିର୍ମାଣ ପ୍ରକଳ୍ପ 'ମାନହାଟାନ ପ୍ରୋଜେକ୍ଟ'ର ସବୟ ପଦାର୍ଥବିଜ୍ଞାନୀମାନେ 'ଭୂମ୍ବ ଡେ କ୍ଲକ୍'ର ପରିକଳ୍ପନା କରିଥିଲେ, ଯାହାର ଉଦ୍ଦେଶ୍ୟ ଥିଲା ପରମାଣୁ ବିଭୀଷିକା ଓ ତଜ୍ଜନିତ ସୃଷ୍ଟିର ବିଲୟ ଯେନି ଆଶଙ୍କାକୁ ମାନବ ଜାତିର ମାନସ ପଟଳରେ ଉଜାଡ଼ିକି କରି ରଖିବା, ଯାହା ହୁଏତ ବିବେକର ମୃଦୁ ଚେତ୍ରାଘାତ ଭଳି ଦସ୍ତପ୍ରିତ ହୋଇଥିବ । ଏହି ଘଟଂର ଡିଜାଇନ କରିଥିଲେ ଚିତ୍ରକର ମେରିଲ ଲାଙ୍ଗସଡର୍ଫ, ଯାହା ସର୍ବ ପ୍ରଥମେ 'କୁଲେଟିନ ଅଫ୍ ଏଟୋମିକ ସାଇଣ୍ଟିଷ୍ଟସ'ର ପ୍ରଚ୍ଛଦରେ ସ୍ଥାନ ପାଇଥିଲା । ଏହି ଘଟଂ କାର୍ଯ୍ୟକ୍ଷମ ହୋଇଥିଲା ୧୯୪୭ ମସିହା ଜୁନ୍ ମାସରେ; ଏବଂ ସେହି ସମୟରେ ଏହାର ଜଟାଂକୁ ନିଶାର୍ଦ୍ଧର ଠିକ୍ ୭ ମିନିଟ ପୂର୍ବରୁ ମିଳାଇ ରଖା ଯାଇଥିଲା । ତା' ପର ଠାରୁ ପୃଥିବୀର ରାଜନୈତିକ ଓ ରଣନୈତିକ ସ୍ଥିତି, ଯୁଦ୍ଧ ଓ ସନ୍ଧିର ପରିବେଶ ଇତ୍ୟାଦିକୁ ନେଇ ଏହି ଜଟାଂକୁ ବିଭିନ୍ନ ସମୟରେ ମଧ୍ୟ-ରାତ୍ରର ନିକଟବର୍ତୀ ବା ଦୂରବର୍ତୀ କରାଯାଇଥାସିଛି; ଯଦିଓ ମହାବିଲୟ ଆଡ଼କୁ ଜଟାଂର ଗତି ଅଗ୍ରସର ହେବାର ବୃଦ୍ଧାନ୍ତ ଅଧିକ ରହିଛି । ପ୍ରକାଶ ଥାଉ କି ସର୍ବନିମ୍ନ ଆଠ ଥର ଲାଗି ଘଟଂ ଜଟାଂ ନିଶାର୍ଦ୍ଧ ଠାରୁ ପୃଥିବୀକୁ ଆଣ୍ଠୁଷ୍ଣ କଲା ଭଳି ଶୀତ ପରିବେଶ ସୃଷ୍ଟି ହୋଇଛି । ବର୍ତମାନ ସେହି ଘଟଂ ରେ ରାତି ବାରତୀ ବାଜିବାକୁ ଆଉ ମାତ୍ର ୮୫ ସେକଣ୍ଡ ରହିଥିବା ବେଳେ ୧୯୯୧ ମସିହାରେ ଏହାର ଜଟାଂ ଓଲଟା ଦିଗରେ ଗତି କରି ନିଶାର୍ଦ୍ଧରୁ ୧୭ ମିନିଟ୍ ଦୂରରେ ରହିଥିଲା । କାରଣ, ସେହି ବର୍ଷ ସୋଭିଏତ ସଂଘର ବିଲୟ ଘଟି ଶୀତଳ ଯୁଦ୍ଧର ଅବସାନ ଘଟିଥିବାରୁ ଘଟଂର ଜଟାଂ ଓଲଟ ଗତି କରିଥିଲା ଏବଂ ସୂଚାଥ ଥିଲା ଯେ ପୃଥିବୀ ଶାନ୍ତିକାମୀ ହେଉଛି । ୧୯୬୨ ମସିହାରେ କ୍ୟୁବା ଉପରେ ଆମେରିକାର ଆକ୍ରମଣ ପ୍ରେକ୍ଷାପଟରେ ଯେତେବେଳେ ସୋଭିଏତ ସହିତ ଏକ ଆଣବିକ ସଂଘାତ ନେଇ 'ମୂହୂର୍ତ'ର ଓଲଟ ଗଣତି ଆରମ୍ଭ ହୋଇଯାଇଥିଲା, ଘଟଂର ଜଟାଂ ମଧ୍ୟ-ରାତ୍ର ଠାରୁ ସେହି ୭ ମିନିଟ୍ ଦୂରରେ ଥିଲା, କାରଣ ଏକ ବିପଦାପନ୍ନ ପୃଥିବୀକୁ ବର୍ଦ୍ଧାଇବା ଲାଗି ସମୟର ସେତିକି ବ୍ୟବଧାନ ମଧ୍ୟ ଯଥେଷ୍ଟ ଥିଲା । କିନ୍ତୁ ସେହି ଅସମ୍ଭବ ବିପଦ ଚଳିଯିବା ପରେ ଆଶ୍ୱାସନାଭରା ବାତାବରଣ ସୃଷ୍ଟି ହୋଇ ଘଟଂ ଜଟାଂକୁ ୫ ମିନିଟ୍ ପଛକୁ ଫେରାଇ ଅଣାଯାଇଥିଲା । ତେବେ, ପ୍ରକାଶ ଥାଉ କି ଗଲା ୨୦୨୪-୨୫ ମସିହାରେ ଏହି ଘଟଂର ଜଟାଂ ରାତି ୧୨ଟା ବାଜିବାକୁ ଆଉ ମାତ୍ର ୯୦ ସେକଣ୍ଡ ବାକି ବୋଲି ସୂଚାଥ ଥିଲା, ଯାହା ଅନେକଙ୍କ ମେରୁଦଣ୍ଡରେ ଭୟର ଶୀତଳ ଶିହରଣ ମଧ୍ୟ ସୃଷ୍ଟି କରିଥିବ । ଏବେ ସେହି ଜଟାଂ ଆହୁରି ପାଟଂ ସେକଣ୍ଡ ଅଗ୍ରସର ହେଲାଣି ! ତେଣୁ ସେହି ଭୟ ଆହୁରି ଘନୀଭୂତ ହେବା ସ୍ୱାଭାବିକ । କିନ୍ତୁ, ଏଭଳି ସ୍ଥିତିରେ ଆଉ ଏକ ବ୍ୟାଖ୍ୟାନ ମଧ୍ୟ ସୃଷ୍ଟି ହେଉଛି ଯେ ଯଦି ଭୟର ସେମିତି ବିଶେଷ କାରଣ ନାହିଁ; ବିଜ୍ଞାନୀକାର ଆଗତଦ୍ଦଷ୍ଟାମାନେ ବୁଦ୍ଧା ଆଜଙ୍କ ସୃଷ୍ଟି କରିବାରେ ବ୍ୟସ୍ତ ।ଏ ପାଟୁଏ ! ଗଲା ଜାନୁଆରି ୨୭ ତାରିଖରେ ଘଟଂର ଜଟାଂକୁ ରାତି ୧୨ ବାଜିବାକୁ ୮୫ ସେକଣ୍ଡରେ ରଖି ମିଳାଇବା ପରେ 'କୁଲେଟିନ ଅଫ୍ ଏଟୋମିକ ସାଇଣ୍ଟିଷ୍ଟସ'ର ପ୍ରତିନିଧିଙ୍କ ପକ୍ଷରୁ କୁହାଯାଇଛି ଯେ ସୁଷ୍ଟ, ସଂଗ୍ରାମ, ଜଳବାୟୁ ପରିବର୍ତନ, ସୁଷ୍ଟଖୋର ତଥା ଆନ୍ତନାଣାତ୍ମକ ମନୋବୃତି ସଂପନ୍ନ ରାଷ୍ଟ୍ରମୁଖ୍ୟମାନଙ୍କ ଆବିର୍ଭାବ, ଉତ୍କଟ ଜାତୀୟତାବାଦର ଉଚ୍ଚାଟ, ପାନ୍‌ଡେମିକର ଭୟ ଏବଂ କୃତ୍ରିମ ବୁଦ୍ଧିମତ୍ତାର ଅନିୟନ୍ତ୍ରିତ ଓ ବିବେକହୀନ ବିକାଶ ଇତ୍ୟାଦି ଭଳି କାରଣରୁ ପୃଥିବୀ ଅତ୍ୟନ୍ତ ଅଶାନ୍ତ ଏବଂ ଉତ୍ତିଷ୍ଠାରର ସର୍ବାଧିକ ବିପଦାପନ୍ନ ସ୍ଥିତିରେ ଉପସ୍ଥିତ । ଘଟଂରୋଲ୍ ଡ ବିଦ୍ୟୁତିରେ ଦେଖିବାଣ୍ଡେ ଅଛି କି ? ଦ୍ୱିତୀୟ ମହାଯୁଦ୍ଧ ପରବର୍ତୀ କାଳ ଖଣ୍ଡ ଥିଲା, ତୁଇ ଦୁଇଟି ମହାଯୁଦ୍ଧର ବିଭୀଷିକା ପ୍ରତ୍ୟକ୍ଷ କରିଥିବା ମାନବ ଜାତି ସବାଶେଷ ବିବେକ ଅଭ୍ୟୁଦୟର ବେଳ; ଯେଉଁ ସମୟରେ ଜାତିସଂଘର ପ୍ରତିଷ୍ଠା ହେବା ସହିତ ଛୋଟ-ବଡ଼ ଏବଂ ସବଳ-ଦୁର୍ବଳ ନିର୍ବିଶେଷରେ ପୃଥିବୀର ସମସ୍ତ ରାଷ୍ଟ୍ରଙ୍କୁ ସୁରକ୍ଷା, ଶାନ୍ତି, ସମ୍ମାନ ଓ ନ୍ୟାୟ ପ୍ରଦାନ ସଭାଶେ ଅନେକ ଅନୁଷ୍ଠାନ, ସମନ୍ଦ ଓ ବୁଲିନାମାଙ୍କୁ ଭୂତ ଦିଆଯାଇଥିଲା । ଏହି ପ୍ରକରଣରେ ନେତୃତ୍ୱ ପ୍ରଦାନ କରିଥିବା ସୁଷ୍ଟରାଷ୍ଟ୍ର ଆମେରିକା, ଯାହା ସଂପ୍ରତି ସେହି ନୈତିକାଦର୍ଶର ସଂପୂର୍ଣ୍ଣ ବିପରୀତରେ ଗତି କରୁଛି । ଡୋନାଲ୍‌ଡ ଟ୍ରମ୍ପଙ୍କ ଭଳି ଜଣେ ଉଦ୍‌ଭାନ୍ତ ବ୍ୟକ୍ତି ଆମେରିକାର ରାଷ୍ଟ୍ରପତି ହେବା ପରେ ଅନେକ ଶାନ୍ତିକାମୀ ବିଶ୍ୱସ୍ତରୀୟ ଅନୁଷ୍ଠାନଗୁଡ଼ିକୁ ସେ ଆମେରିକାକୁ ତୁରେଇ ନେବାରେ ତୁବ୍ଦ୍ରତ । ଜଳବାୟୁ ପରିବର୍ତନ ଜନିତ ଦୁର୍ଯୁଗ୍ମିତିରେ ପୃଥିବୀ ଅଶନିଶଙ୍କାରୀ ହୋଇ ସାରିଥିବା ବେଳେ ଟ୍ରମ୍ପ 'ଜଳବାୟୁ ପରିବର୍ତନ' ଭଳି ବିଷୟକୁ ଏକ ଭାଣ୍ଡାମି ବୋଲି ବିଚାର କରନ୍ତି; ଯେଉଁ କାରଣରୁ ଜଳବାୟୁ ପରିବର୍ତନର ମୁକାବିଲା ଲାଗି ସୃଷ୍ଟ ଅନ୍ତର୍ଜାତୀୟ ସହଯୋଗାତ୍ମକ ରାଜିନାମା 'ପ୍ୟାରିସ ଟ୍ରିଟି'ରୁ ଓହରି ଯାଇଛନ୍ତି । ୟୁକ୍ରେନ ଓ ଲେନେଚ୍‌ଭଲା ଉପରେ ଆକ୍ରମଣ ଏବଂ ଗ୍ରୀନଲାଣ୍ଡକୁ ଅଧିକାର କରିନେବାର ପ୍ରବଣତା ମଧ୍ୟରେ ଦିଶିଥାଏ କିଭଳି ରାଷ୍ଟ୍ରଗୁଡ଼ିକର ସାର୍ବଭୌମତ୍ୱ ତା'ର ଅନତିକ୍ରମ୍ୟ ପବିତ୍ରତା ହରାଇ ସାରିଲାଣି । 'ନାଟୋ' ଭଳି ଏକ ମିତ୍ରତା ଆଧାରୀ ଶକ୍ତିଶାଳୀ ସାମରିକ ଅନୁଷ୍ଠାନ ଭାଙ୍ଗି ଯିବାର ଦ୍ୱାର ବେଶରେ । ଏହା କେଉଁ ହେବ ବେଳକୁ ପୃଥିବୀର ଏକାଧିକ ସ୍ଥାନରେ ନୂତନ ସୁଷ୍ଟ ସଂଘାତ ଉତ୍ପନ୍ନ ହେବାରେ ଲାଗିଛି । ଏଣେ, ଅଦୂରଦର୍ଶୀ ଓ କୁତ୍ସିଝଂସପନ୍ନ ହେବେକ ରାଷ୍ଟ୍ର ମୁଖ୍ୟଙ୍କ ହେପାଜତରେ ବିକଶିତ ହେଉଥିବା କୃତ୍ରିମ ବୁଦ୍ଧିମତ୍ତା ଯେ ମାନବର ଅଧିକାରରୁ ପୃଥିବୀକୁ ଅତିରେ ଛଡ଼ାଇ ନେବ, ସେ ଆଶଙ୍କା ମଧ୍ୟ ଦିଶିଲାଣି । ତେଣୁ, 'ମହାବିଲୟ ଘଟଂ'ର ଜଟାଂ ମଧ୍ୟ-ରାତ୍ର ଆଡ଼କୁ ଆଉ ୫ ସେକଣ୍ଡ ଅଗ୍ରସର ହୋଇଯିବାରେ ବିସ୍ମୟର କୌଣସି କାରଣ ନ ଥାଏ; ଏଭଳି ସ୍ଥିତିରେ 'ମହାବିଲୟ ଘଟଂ'ରୁ ମିଳୁଥିବା ସୂଚନାକ

୨୬ତମ ସମ୍ବଲପୁର ପୁସ୍ତକମେଳା ଉଦ୍‌ଯାପିତ

ସମ୍ବଲପୁର,୩/୨(ନି/ପ୍ର): ୨୫୦ ଟି ସାହିତ୍ୟ ପୁସ୍ତକର ସ୍ୱଲ୍ପ ସହିତ ଚାଲିଥିବା ପୁସ୍ତକ, ସଂସ୍କୃତି ଏବଂ ପିଲାମାନଙ୍କ ସମାଗମ ୨୬ତମ ସମ୍ବଲପୁର ପୁସ୍ତକ ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି । ଶିଶୁ ମଞ୍ଚପରେ ପ୍ରତିଦିନ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭିଡ଼ ଜମିଥିଲା । ପିଲାମାନଙ୍କ ସହ ଅଭିଭାବକମାନେ ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ (ଏନ୍‌ବିଟି)ର ଜାତୀୟ ଶିଶୁସାହିତ୍ୟ କେନ୍ଦ୍ର (ଏନ୍‌ସିସିଏଲ) ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମକୁ ବହୁତ ପ୍ରଶଂସା କରିଥିଲେ । ସୃଜନଶୀଳତା, ଜଳନା, ଐତିହ୍ୟ ଏବଂ କଳାର ସମନ୍ୱୟରେ ଏହା ପିଲାମାନଙ୍କୁ ଏକ ନୂତନ ବିଶ୍ୱଦର୍ଶନ ଦେଇଥିଲା । ଉଦଯାପନୀ ଦିବସରେ କଥାକାର ସଞ୍ଜୀବ କୁମାର ପ୍ରଧାନଙ୍କ ନେତୃତ୍ୱରେ 'ରଙ୍ଗ ବିରଙ୍ଗୀ କାହାନୀକି ଚୁନିଆଁ' କାର୍ଯ୍ୟକ୍ରମରେ କାହାଣୀ କଥନରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପରେ ବିବେକ କୁମାରଙ୍କ ଡ୍ରିଲ୍ ପ୍ରତିଯୋଗିତା ଓ ରାଷ୍ଟ୍ରୀୟ ପୁସ୍ତକମେଳାର କର୍ମଶାଳା ଅନୁଷ୍ଠିତ ହୋଇଥିଲା । 'ସେତୁ' ପକ୍ଷରୁ ପୁସ୍ତକମେଳାର ଉଦ୍‌ଯାପନୀ ସମାରୋହରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟତିଥି ଏବଂ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫଓ ଅଂଶୁପ୍ରଜ୍ଞା ରାସ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ସମ୍ବଲପୁରୀ ଭାଷା ସାହିତ୍ୟ ସାଧକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ 'ସେତୁ ସମ୍ମାନ'ରେ ସମ୍ମାନିତ କରାଯାଇଥିବାବେଳେ ଆବର୍ଣ୍ଣ ଶିକ୍ଷକ ବିନୋଦ କୁମାର ବିଶ୍ୱାଳଙ୍କୁ 'ଶିକ୍ଷାବିତ୍ ବାଳକୃଷ୍ଣ ଜର ସ୍ମୃତି ସମ୍ମାନ' ଏବଂ ସେବାପାଇଁ ସମର୍ପିତା ଶୁଭ୍ରଜାତି ନାୟକଙ୍କୁ 'ଡାକ୍ତର ଦୀପ୍ତିବାଳା ପଟ୍ଟନାୟକ କର୍ମଯୋଗୀ ମହିଳା ସମ୍ମାନ' ପ୍ରଦାନ କରାଯାଇଥିଲା । ଏହାସହ ସମ୍ବଲପୁର ଜିଲ୍ଲା ମାଟ୍ରିକ ଟପ୍ପର ଜି. ଶିରିଷାଙ୍କୁ 'କ୍ଷୀରୋଦ ମିଶ୍ର ସ୍ମୃତି ପୁରସ୍କାର' ଏବଂ ଅବିଭକ୍ତ ସମ୍ବଲପୁର ଜିଲ୍ଲା ମାଟ୍ରିକ ଟପ୍ପର ବବିତା ରଥଙ୍କୁ 'ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି ପୁରସ୍କାର' ପ୍ରଦାନ କରାଯାଇଥିଲା । 'ସେତୁ' ସଭାପତି ଡ. ମୀନକେତନ ପାଠୀ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ହରି ନାରାୟଣ ପଣ୍ଡା ବିବରଣୀ ପାଠ କରିଥିଲେ । ଶେଷରେ 'ସେତୁ' ବରିଷ୍ଠ ସଦସ୍ୟ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ 'ସେତୁ' ସୁରଣିକା ଏବଂ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମ୍ବଲପୁରୀ ପୁସ୍ତକ ଉନ୍ମୋଚିତ ହୋଇଥିଲା । ସୁଜାତ୍ତ ଜର, ଡ. ସ୍ୱପ୍ନ ପ୍ରକାଶ ପଣ୍ଡା, ଡ. ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ସଭା ପରିଚାଳନା କରିଥିଲେ । ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଦିଲ୍ଲୀରୁ ଆସିଥିବା ପ୍ରସିଦ୍ଧ ବଣ୍ଡ 'ଜାର୍ଣ୍ଣିସ୍ ଲାଇଭ୍' ବିଭିନ୍ନ ଲୋକପ୍ରିୟ ଗୀତ ପରିବେଷଣ କରିଥିଲେ ।

ସହରରେ ବଢୁଛି ଦୁର୍ଘଟଣା

ସମ୍ବଲପୁର,୩/୨(ନି/ପ୍ର): ବରାହୀପାଲି ଛକରେ ଟ୍ରାଫିକ ପୋଲିସ ଅନୁପସ୍ଥିତ, ଅଣ୍ଟାପାଲି ଛକରେ ସିରିକ ଦୁର୍ଘଟଣା ପୁଣି ଶୁଭ୍ରବାର ବିକାଲିରେ ଜଣେ ପ୍ରସୂତି ରୋଗୀଙ୍କୁ ଡାକ୍ତରଖାନା ଆଣିବା ରାସ୍ତାରେ ଓଡି ୦୨ ଜିଏ ୭୪୩୩୧ ନମ୍ବର 'ଜନନୀ ଏକ୍ସପ୍ରେସ' ଭଳି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ଘଟଣା ସମ୍ବଲପୁର ଟ୍ରାଫିକ ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଇଛି । ଏହି ଦୁର୍ଘଟଣା ଫଳରେ ଗାଡି ଭିତରେ ଥିବା ରୋଗୀ ସହ ପରିବାର ଲୋକେ ମଧ୍ୟ ଶିକାର ହୋଇଛନ୍ତି । 'ଦ୍ରୁତଗତି ମହାବିପତି' ନେଇ ବ୍ୟାପକ ସଚେତନତା ବିଜ୍ଞାପନ ପରେ ବି ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ଘଟଣା ଚିନ୍ତାର କାରଣ ପାଲଟିଛି । ଅପରପକ୍ଷେ ରୋଗୀବାହାକ ଜନନୀ ଏକ୍ସପ୍ରେସ ଭଳି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାର କାରଣ କେବଳ ଦ୍ରୁତଗତି । ଗାଡ଼ି ଓ ବେଗ ଉପରେ ସାମାନ୍ୟ ତମ ନିୟନ୍ତ୍ରଣ ନଥିବା ଚାଳକ ମାନଙ୍କ ଯୋଗୁଁ ଦୁର୍ଘଟଣା ଏକ ସାମାନ୍ୟ ଘଟଣାରେ ପରିଣତ ହୋଇଛି । ବରାହୀପାଲି ଭଳି ବ୍ୟସ୍ତ ବହୁଳ ଛକରେ ଟ୍ରାଫିକ୍ ପୋଲିସ ଅନୁପସ୍ଥିତ ଓ ଅଣ୍ଟାପାଲି ଛକରେ ଭ୍ରମାଗତ ଦୁର୍ଘଟଣା ଘଟି ଅନେକ ଯାନବାହନ ନଷ୍ଟଭ୍ରଷ୍ଟ ହେବା ସମ୍ପ୍ରତି ସଚେତନତାର ଅଭାବ ବୋଲି ସଚେତନ ନାଗରିକ ମହଲକୁ କୁହାଯାଇଛି । ଜାତୀୟ ରାଜପଥ ଠାରୁ ଆରମ୍ଭ କରି ସହରାଞ୍ଚଳର ବିଭିନ୍ନ ରାସ୍ତାଘାଟରେ ଦ୍ରୁତଗତି ଓ ଖାମଖିଆଲି ଭାବେ ଚାଲୁଥିବା ଗାଡ଼ିର କାଗଜପତ୍ର ଯାଂଚ୍ କରାଯିବା ସହ ଗାଡ଼ି ଚାଳକ ମାନଙ୍କ ଗାଡିଚାଳନା ସକ୍ଷମତା ଯାଂଚ୍ କରିବାର ଆବଶ୍ୟକତା ଅନିବାର୍ଯ୍ୟ ହୋଇପଡ଼ିଛି । ବିନକୁ ଦିନ ସହରରେ ଯାନବାହାନର ସଂଖ୍ୟା ଯେଉଁ ହାରରେ ବୃଦ୍ଧି ପାଇବାରେ ଲାଗିଛି ସେହି ହାରରେ ରାସ୍ତାର ଅଭାବ ଓ ସବୁଠାରୁ ଉପଦେବର କାରଣ ପାଲଟିଛି 'ଯେତେ ଭିଡ଼ ହେଲେ ବି, ମୁଁ ଆଗ ପଳାଇବି'ର ମାନସିକତା । ଜିଲ୍ଲା ପ୍ରଶାସନ ଏ ଦିଗରେ କଡ଼ାକଡ଼ି ଯାଂଚ୍ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଜନଜୀବନ ପ୍ରତି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ।

ଭଦ୍ରକରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଭଦ୍ରକ, ୩/୨(ନି/ପ୍ର): ଜିଲ୍ଲାପାଳ ବିଜିପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆଜି ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଭଦ୍ରକ ବୁଲ୍ କାର୍ଯ୍ୟାଳୟ ରେ ଆୟୋଜିତ ହୋଇଯାଇଛି । ଭଲ ଶୁଣାଣିରେ ସମୁଦାୟ ୧୫୮ଟି ଜନ ଅଭିଯୋଗ ଗ୍ରହଣ କରାଯାଇଥିଲା । ଏହାମଧ୍ୟରୁ ୧୧୫ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଓ ୨୮ଟି ଗ୍ରାମ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା । ସେହିପରି ୬ଟି ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ଓ ରେଡ୍ କ୍ରସ୍ ସହାୟତା ପାଇଁ ୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସୁଖ ଶୁଣାଣି ସମୟରେ ୩୪ଟି ଅଭିଯୋଗର ତତ୍ଵାଳ ନିଷ୍ପତ୍ତି କରାଯାଇଥିଲା । ଶୁଣାଣି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାପାଳ , ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ,ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣି ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ ।

ବେଳରେ ଓଡ଼ଣି ଦେଇ ନାବାଳିକାର ଆତ୍ମହତ୍ୟା

ଜୟପୁର,୩/୨(ନି/ପ୍ର): ବେଳରେ ଓଡଣିଦେଇ ନାବାଳିକା ଜଣଙ୍କ ଆତ୍ମହତ୍ୟା କରିଥିବା ଜଣେ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି । ଜୟପୁର ସଦର ଥାନା ଅନ୍ତର୍ଗତ ଗୋଗନପୁର ଗ୍ରାମର ବାସି ମୁରୁଲି ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତେ । ତାଙ୍କ ନାବାଳିକା ଝିଅଶିନିମୁରୁଲି(୧୫) ଶୋଇବା ପରେ ପଶିବଙ୍ଗଟବେଳ ପଝାରେ ଓଡଣିବେଳ ଆତ୍ମହତ୍ୟା କରିଛନ୍ତି । ପରିବାର ଲୋକେ ନାବାଳିକାକୁ ସୁସ୍ଥତର ଅବସ୍ଥାରେ ଉଦ୍ଧାର କରି ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ।

ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସର୍ବଶିକ୍ଷା ଅଭିଯାନ ସମ୍ବିଳନୀ କକ୍ଷଠାରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ବିଭାଗସ୍ତରୀୟ ସମୀକ୍ଷା ବୈଠକ

ବେରୋଜଗାରଙ୍କୁ ମିଳିବ ରୋଜଗାର, ଚାଷୀଙ୍କୁ ମିଳିବ ବଜାର
ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ୪.୬୮ କୋଟିର ପ୍ରକଳ୍ପ ଶିଳାନ୍ୟାସ

ଭଦ୍ରକ, ୩/୨(ନି/ପ୍ର):ଏହି ଜିଲ୍ଲାର ଧାମନଗର ଅଂଚଳରେ କୃଷି, କୃଷକ ଓ ବେରୋଜଗାର ଯୁବକଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ବଡ଼ ଧରଣର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଭଦ୍ରକ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନରେ ପ୍ରାୟ ୪ କୋଟି ୬୮ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟଦଂଶୀ ସୁଜନ । ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ପ୍ରକଳ୍ପଗୁଡ଼ିକ ଧାମନଗରର ରୂପରେଖ ବଦଳାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ଅସୁରାଳିରେ ୨ଟି ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ । ଗୋଟିଏ କମ୍ପ୍ଲେକ୍ସରେ ଏକ ମହଲା ବିଶିଷ୍ଟ ୧୧ଟି ଦୋକାନ ଗୃହ ଓ ଗୋଦାମ ରହିବ । ଅନ୍ୟଟି ଦୁଇ ମହଲା ବିଶିଷ୍ଟ ହେବ, ଯେଉଁଥିରେ ୧୧ଟି ଦୋକାନ ଗୃହ ସହ ଗୋଦାମର ସୁବିଧା ରହିବ । ସେହିପରି ବିହୁଡ଼ି ଆନନ୍ଦପୁରରେ ନୂତନ ମାର୍କେଟ କମ୍ପ୍ଲେକ୍ସ ସହ ହାଟ ପିଣ୍ଡି ନିର୍ମାଣ କରାଯିବ । ଯେଉଁଠାରେ ପ୍ରାୟ ୧୫୦ ଜଣ ଚାଷୀ ବସିବାର ବ୍ୟବସ୍ଥା ରହିଛି । ଧାମନଗର ବ୍ଲକର ଅନ୍ୟତମ ବାଣିଜ୍ୟିକ ପେଣ୍ଠସୁଲୀ ଧୁଷୁରୀରେ ୫୦ଟି ନୂତନ ହାଟପିଣ୍ଡି ନିର୍ମାଣ କରାଯିବ । ଦୋବଳ ଲୋନ୍ ମୁଣ୍ଡପୀପୁର କାଳୀପଡ଼ିଆରେ ୧୫ଟି ଦୋକାନ ଗୃହ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ । ତେବେ ଦେବପୁରରେ ୧୧ଟି ଦୋକାନ ଗୃହ ବିଶିଷ୍ଟ ନୂତନ ମାର୍କେଟ କମ୍ପ୍ଲେକ୍ସ । ଏହା ଖଙ୍ଗରା, ସୋହଡ଼ା, ପଧାନି ଓ ଖଡ଼ିପଦା ଫଟାୟତର ଏକ ମୁଖ୍ୟ ଜଙ୍କସନ ହୋଇଥିବାରୁ ଏଠାରେ ବ୍ୟବସାୟ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି । ଖଙ୍ଗରା-ଅଣ୍ଟିନଗରରେ ନୂତନ ହାଟପିଣ୍ଡି ନିର୍ମାଣ ହେବ । ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଅଧିନରେ ଥିବା ଧାମନଗର ମେଡିକାଲ ବଜାରରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି । ସେହିପରି ଧାମନଗରରେ ମାଛ ବ୍ୟବସାୟୀଙ୍କ ପାଇଁ ୫୦ଟି ସ୍ୱତନ୍ତ୍ର ପିଣ୍ଡି ନିର୍ମାଣ କରାଯିବା ପୂର୍ବରୁ ସ୍ଥାୟୀ ଜାଗା ଅଭାବରୁ ମାଛ ବେପାରୀମାନେ ଏଣେତେଣେ ବସୁଥିଲେ, ଯାହା ସହରର ପରିମଳ ବ୍ୟବସ୍ଥାକୁ ବିଘାତୁଥିଲା । ଏହି ନୂତନ ମାଛ ମାର୍କେଟ ଫଳରେ କାରବାର ଶୃଙ୍ଖଳିତ ହେବ ଏବଂ ପରିବେଶ ସ୍ୱଚ୍ଛ ରହିବ । ଏହି ନୂତନ ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଚାଷୀମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇଦେବ । ଚାଷୀମାନେ ନିଜ ଜମିରୁ ପରିବା ଉତ୍ପାଦନ କରି ଏଠାରେ ଶୃଙ୍ଖଳିତ ଭାବେ ବିକ୍ରି କରିପାରିବେ । ଏଥିପାଇଁ ସ୍ୱତନ୍ତ୍ର ପିଣ୍ଡିର ବ୍ୟବସ୍ଥା କରାଯାଇଥିବାରୁ ସେମାନେ ନିଜ ସାମଗ୍ରୀକୁ ସୁରକ୍ଷିତ ଭାବେ ରଖିବ ମଧ୍ୟ ରଖିପାରିବେ । ଏହାଛଡ଼ା ବେରୋଜଗାର ଯୁବକମାନେ ଏହି ମାର୍କେଟ କମ୍ପ୍ଲେକ୍ସରେ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରିବା ସହ ଅନ୍ୟମାନଙ୍କ ପାଇଁ ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ । ମନ୍ତ୍ରୀ ସୂର୍ଯ୍ୟଦଂଶୀ ସୁଜନଙ୍କ ଏହି ପ୍ରୟାସକୁ ସ୍ଥାନୀୟ ବାସିନ୍ଦା ଜଳୁସିନ ପ୍ରଶଂସା କରିଛନ୍ତି । ଧାମନଗରର ପ୍ରମୁଖ ଛକଗୁଡ଼ିକ ଏବେ ବଜାରର ରୂପ ନେବାକୁ ଯାଉଥିବାରୁ ସ୍ଥାନୀୟ ଲୋକଙ୍କୁ ବଜାର ସଉଦା କରିବାରେ ସୁବିଧା ହେବ । ଧାମନଗରର ବିଭାଗ ଗାଡ଼ି ଏବେ ଦ୍ରୁତ ଗତିରେ ଦୌଡୁଥିବା ବେଳେ ଏହି ପ୍ରକଳ୍ପଗୁଡ଼ିକ ଅଂଚଳର ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ଏହିକାର୍ଯ୍ୟକ୍ରମରେ ମନ୍ତ୍ରୀ ଙ୍କ ସମେତ ଭଦ୍ରକ ଜିଲ୍ଲାପାଳ ବିଜୟ କୁମାର ରାଉତରାୟ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ,ଜେକିବ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଆଜିଠୁ ଆରମ୍ଭ ହେବ ନଟରାଜ ନାଟ୍ୟ ଅନୁଷ୍ଠାନର ନାଟ୍ୟ ମହୋତ୍ସବ

ଭଦ୍ରକ, ୩/୨(ନି/ପ୍ର):ଆସନ୍ତା ୪ ରୁ ଆରମ୍ଭ ହେଉଛି ଭଦ୍ରକର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାବିଂଶ ତମ ନାଟ୍ୟ ମହୋତ୍ସବ ଚାରି ଦିନ ବ୍ୟାପି ହେବାକୁ ଥିବାବେଳେ ଏହି ନାଟ୍ୟ ମହୋତ୍ସବ ରେ ଆୟୋଜକ ଭଦ୍ରକର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଉଦ୍ଯାପନୀ ଦିବସ ରେ ଚାର ନାଟକ ' ଜଣେ ରାଜା ଥିଲେ ' ନାଟକ ପରିବେଷଣ କରିବ । ସେହିପରି ୫ ତାରିଖ ରେ ବାରିପଦା ର ନାଟ୍ୟ ଅନୁଷ୍ଠାନ ରୂପାନ୍ତର ତରଫରୁ ନାଟକ 'ଅପବାର୍ଥ ' ପରିବେଷଣ କରିବେ ୬ ତାରିଖ ରେ ରାଉଲକେଲା ର ନାଟ୍ୟ ସଂସ୍ଥା ସ୍ପନ୍ଦନ ଚାର ନାଟକ 'କନ୍ଦମାଟି ' ପରିବେଷଣ କରିବେ ଅନ୍ତିମ ଉଦଯାପନୀ ଦିବସ ରେ ଭୁବନେଶ୍ୱର ର ନାଟ୍ୟ ସଂସ୍ଥା ବିଦ୍ୟା ଜନକ ଚାର ବହୁ ଚର୍ଚ୍ଚିତ ନାଟକ 'ଛୁଛୁଡି' ପରିବେଷଣ କରିବେ । ଆଜିର ଏହି ସାମ୍ବାଦିକ ସମ୍ବିଳନୀ କୁ ନଟରାଜ ନାଟ୍ୟ ଅନୁଷ୍ଠାନ ର ସଭାପତି ନାଟ୍ୟକାର ଡ଼ା ସୁଧାଂଶୁ ନାୟକ ସଭାପତିତ୍ୱ କରି ସମସ୍ତ ସୂଚନା ପ୍ରଦାନ କରିବା ସହ ଭଦ୍ରକ ରେ କିପରି ନାଟକ କୁ ନଟରାଜ ଅନୁଷ୍ଠାନ ଜୀବିତ ରହିଛି ଆଗାମୀ ଦିନରେ କିପରି ନାଟକ କୁ ଲୋକେ ଆହୁରି ଭଲ ପାଇବେ ଯୁବପିଢୀ କିପରି ନାଟକକୁ ଭଲ ପାଇବେ ସେ ନେଇ ଆଲୋଚନା କରିଥିଲେ । ନାଟକ ମାଧ୍ୟମରେ ସମାଜକୁ କିପରି ସାମାଜିକ ବାର୍ତ୍ତା ଦିଆଯାଏ ବୋଲି କହିଥିଲେ । ଭଦ୍ରକ ରେ ନାଟକ ମଂଚ ପାଇଁ ଏକ ଭଲ ଅଡ଼ିଟୋରୀୟମ ନଥିବା ନେଇ କହିଥିଲେ ଶ୍ରୀ ନାୟକ । ସେହିପରି ନାଟ୍ୟ ସଂସ୍ଥା ର ଉପ ସଭାପତି ଶିବ ପ୍ରସାଦ ମହାନ୍ତି ଏହି ଚାରିଦିନ ଧରି ହେବାକୁ ଥିବା ନାଟକ କୁ କିପରି ଲୋକ ଲୋଚନ କୁ ଯାଇପାରିବ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଙ୍କୁ ଅନୁରୋଧ କରିଥିଲେ । କାରଣ ଗଣମାଧ୍ୟମ ର ଲେଖନୀ ମାଧ୍ୟମ ରେ ଲୋକଙ୍କ ପାଖରେ ନାଟକ ମାଧ୍ୟମରେ ବାର୍ତ୍ତା ପହଂଚିଥାଏ । ବର୍ତ୍ତମାନ ଅନଲାଇନ ସମୟରେ ନାଟକ ମାଧ୍ୟମରେ ଲୋକଙ୍କୁ ମନୋରଞ୍ଜନ କରିହେବ ସେ ନେଇ ଆଲୋଚନା କରିଥିଲେ ।

ଶ୍ରୀଧର ରାଉତ ଦିବ୍ୟାଙ୍ଗ ଛାତ୍ର ମେଧାବୃତି ପ୍ରଦାନ

କେନ୍ଦ୍ରାପଡ଼ା,୩/୨(ନି/ପ୍ର):କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମମାନଙ୍କ ଘେରାପିସେବା, ସଚେତନତା ଓ ସଶକ୍ତକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ମେଧାବୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ମେଧାବୃତି ପ୍ରଦାନ କରାଯାଇଛି । ସ୍ଥାନୀୟ ଅମର ଉଦ୍ୟାନ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଓ ଦକ୍ଷତା ବିକାଶ ଦ୍ୱାରା ସେମାନଙ୍କୁ ଯଥାର୍ଥରେ ମୁଖ୍ୟସ୍ରୋତର ସମାଜରେ ସାମିଲ କରାଯାଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ଅକ୍ଷୟ ବେହେରା ଦିବ୍ୟାଙ୍ଗମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ସରକାରୀ ଯୋଜନା ସହିତ ସମସ୍ତଙ୍କ ସହଯୋଗ ଓ ପ୍ରୋତ୍ସାହନ ରହିଲେ ସେମାନେ ପାରଦର୍ଶିତା ପ୍ରଦର୍ଶନ କରି ପାରିବେ ବୋଲି କହିଥିଲେ । ଭଲ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଘମିତ୍ରା ବେହେରା ଓ ବରିଷ୍ଠ ଚିକିତ୍ସକ ଡାକ୍ତର ଗୌରାଙ୍ଗ ଚରଣ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପରିବର୍ତ୍ତିତ ସମୟରେ ଭିନ୍ନକ୍ଷମ ବର୍ଗଙ୍କ ପ୍ରତି ସାମାଜିକ ସମ୍ବେଦନଶୀଳତା ବୃଦ୍ଧି ପାଇଛିବୋଲି ମତପ୍ରକାଶ କରିଥିଲେ । ପୁନର୍ବାସ ପକ୍ଷରୁ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟୟନରତ ବିଭିନ୍ନ ଭିନ୍ନକ୍ଷମ ବର୍ଗରୁ ନିର୍ବାଚିତ ସମୁଦାୟ ଛଅଜଣ ମେଧାବୀ ଛାତ୍ରଛାତ୍ରୀ ସର୍ବଶ୍ରୀ ରାହୁଲ ପାତ୍ର, ଲକ୍ଷ୍ମୀ ପ୍ରିୟା ଲେଙ୍କା(ବୁଦ୍ଧିବାଧିତ), ବିବେକ ପାତ୍ର, ଆୟୁଷଜାତ ବେହେରା, ରୋନକ ପରିଡ଼ା(ଚଳନଶକ୍ତି ବାଧିତ) ଓ ନେହା ଭୋଇ(ଆଲାସେମିଆ) ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କାର ମେଧାବୃତି ପ୍ରଦାନ କରାଯାଇଥିଲା । ଏହି ଅବସରରେ ପୁନର୍ବାସ ପକ୍ଷରୁ ପ୍ରଥମ ଜିଲ୍ଲାରେ ପାରାକ୍ରୀଡ଼ାର ପ୍ରୋତ୍ସାହନ ନିମନ୍ତେ ପ୍ରଥମ ବାମା-ଯମୁନାଲି ଉତ୍କର୍

ରାଉରକେଲା ପୋଲିସ୍ ନିକଟରେ ମାଓ ଗରିଲା ସ୍କ୍ୱାର୍ଡ଼ ସଦସ୍ୟର ଆତ୍ମସମର୍ପଣ

ରାଉରକେଲା,୩/୨(ନି/ପ୍): ଜିଲ୍ଲା ପୋଲିସ୍ ନିକଟରେ ଦକ୍ଷିଣ ଛୋଟନାଗ୍ରା ଡିଭିଜନର ମାଓ ସ୍ଥାନୀୟ ଗରିଲା ସ୍କ୍ୱାର୍ଡ଼ ସଦସ୍ୟ (ଏଲଜିଏସ୍ଏମ୍) ଭୟଲେନ୍ ହୋନହାଗ୍ରା ଓରଫ୍ ପ୍ରଭୁ (୧୮) ଆତ୍ମସମର୍ପଣ କରିଛି । ଏ ବିଷୟରେ ରାଉରକେଲା ପୋଲିସ୍ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପଶ୍ଚିମାଂଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ଏବଂ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ଝାଧଝାନୀ । ସୂଚନା ଅନୁସାରେ ରାଉରକେଲା ପୋଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ମାଓ ସ୍ଥାନୀୟ ଗରିଲା ସ୍କ୍ୱାଡ୍ ସଦସ୍ୟ ଭୟଲେନ୍ ହୋନହାଗ୍ରା ଓରଫ୍ ପ୍ରଭୁର ଘର ଝାଡଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲାର ଛୋଟାନାଗ୍ରା ଥାନା ଅନ୍ତର୍ଗତ ହାଲାମୁଲି ଗ୍ରାମରେ ବୋଲି ଜଣାପଡିଛି । ଏହି ଗ୍ରାମ ସବଜା ଆରଏଫ୍ ଙ୍ଗରକ୍ଷିତ ଜଙ୍ଗଲରେ ଅବସ୍ଥିତ ଏବଂ ସିପିଆଇ (ମାଓବାଦୀ) ପାଇଁ ରାସନ୍ ସାମଗ୍ରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ବ୍ୟବସ୍ଥା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରାମ । ଭୟଲେନ୍ ହୋନହାଗ୍ରା ଓରଫ୍ ପ୍ରଭୁ, ମାଓ ବଳରେ ରହି ଏକ ମିଲିସିଆ ଭାବରେ କାମ କରିବା, ରାସନ ସାମଗ୍ରୀ ବ୍ୟବସ୍ଥା କରିବା ଏବଂ ଅଂଚଳରେ ଗରିଲା କାର୍ଯ୍ୟ ଦେଖୁବା ଆରମ୍ଭ କରିଥିଲା । ପରେ ୨୦୨୪ ମସିହାରେ ବିର୍ସା ନାମକ ଜଣେ ମାଓ ବଳୀୟ ସଦସ୍ୟ ହଲାମୁଲି ଗ୍ରାମକୁ ଆସିଥିଲେ ଏବଂ ପ୍ରଭୁଙ୍କୁ ବଳରେ ଏଲଜିଏସ୍ଏମ୍ ବା ସ୍ଥାନୀୟ ଗରିଲା ସ୍କ୍ୱାଡ୍ ସଦସ୍ୟ ଭାବରେ ନିଯୁକ୍ତି ଦେଇଥିଲେ । ପ୍ରଭୁ(୧୮ବର୍ଷ) ବଳ ସହିତ ମୋଟ ୨ ବର୍ଷ ଧରି ରହିଥିଲେ । ବିଭିନ୍ନ ଉଚ୍ଚସ୍ତର ଆତ୍ମସମର୍ପଣ ନୀତି ଦ୍ୱାରା ପ୍ରଭାବିତ ହୋଇ, ମାଓବାଦୀ ଚିନ୍ତାଧାରା, ବରିଷ୍ଠ ନେତାଙ୍କ ଶାରୀରିକ ଏବଂ ମାନସିକ ନିର୍ଯାତନା ଏବଂ ବାରମ୍ବାର ଜଙ୍ଗି ଅପରେସନରେ ବିରକ୍ତ ହୋଇ, ପ୍ରଭୁ ବଳ ଛାଡି ଓଡ଼ିଶା ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ । ସ୍ଥାନୀୟ ଗରିଲା ସ୍କ୍ୱାଡ୍ ସଦସ୍ୟ ହୋଇଥିବା କାରଣରୁ କେନ୍ଦ୍ର ସରକାରଙ୍କ ବି-ବର୍ଗରେ ଆସୁଥିବା ଆତ୍ମସମର୍ପଣକାରୀଙ୍କୁ ମୋଟ ୨,୬୫,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବା ସହିତ ଯଦି ସେ ବିବାହିତ ନୁହେଁନ୍ତି କିମ୍ବା ତାଙ୍କର କୌଣସି ଜୀବିତ ପତି କିମ୍ବା ପତ୍ନୀ ନାହାଁନ୍ତି, ତେବେ ତାଙ୍କ ବିବାହ ପାଇଁ କେବଳ ୨୫,୦୦୦ ଟଙ୍କା ଏକଜାଳୀନ ବିବାହ ପ୍ରୋତ୍ସାହନ ପ୍ରଦାନ କରାଯିବ । ଏହି ରାଶି ବିବାହ ସମୟରେ କିମ୍ବା ବିବାହ ପରେ ପ୍ରଦାନ କରାଯିବ ବୋଲି ନିୟମ ରହିଛି । ଏଥିସହିତ ଆତ୍ମସମର୍ପଣକାରୀଙ୍କୁ ପ୍ରଯୁକ୍ତ୍ୟ ଯୋଜନା ଅଧୀନରେ ଜିଲ୍ଲାର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସ୍ୱଳ୍ପକାଳୀନ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ମାଗଣାରେ ନାମ ଲେଖାଯିବ । ଯୋଗ୍ୟତା ଉପରେ ନିର୍ଭର କରି, ସେ ବୃତ୍ତିଗତ ଶିକ୍ଷା ମଧ୍ୟ ଗ୍ରହଣ କରିପାରିବେ । ସର୍ବାଧିକ ୩୬ ମାସ ପାଇଁ ପ୍ରତି ମାସରେ ୧୦ ହଜାର ଟଙ୍କା କେବଳ ବୃତ୍ତି ପ୍ରଦାନ କରାଯିବ । ସରକାରୀ ନିଯୁକ୍ତି, ଦକ୍ଷତା ତାଲିମ ପରେ ନିଯୁକ୍ତି କିମ୍ବା ସେକୌଣସି ପ୍ରକାରର ଲାଭଦାୟକ ଆତ୍ମନିଯୁକ୍ତି ହାସଲ କରିବା ପରେ ଏହି ବୃତ୍ତି ବନ୍ଦ କରାଯିବ ବୋଲି ସୂଚନା ଦିଆଯାଇଛି । ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ନୀତି ଅନୁଯାୟୀ ଆତ୍ମସମର୍ପଣକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ଼ ପ୍ରଦାନ କରାଯିବା ସହ ନୀତିର ବ୍ୟବସ୍ଥା ଅନୁଯାୟୀ ଚିକିତ୍ସା ପାଇଁ ରାଜ୍ୟ ସରକାର ପ୍ରାଥମିକତାରେ ଗ୍ରହଣ କରିବେ । ଏଥିସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା, ଅନ୍ତ୍ୟୋଦୟ ଅନ୍ନ ଯୋଜନା କିମ୍ବା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଅନ୍ୟ କୌଣସି ସମାନ ନୀତି ଅଧୀନରେ ଯୋଗ୍ୟତା ଉପରେ ଧ୍ୟାନ ଦେଇ ମାଗଣା ରାସନ କିମ୍ବା ସବସିଡିଯୁକ୍ତ ରାସନ ପ୍ରଦାନ କରାଯିବ ବୋଲି ରାଉରକେଲା ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି ।

ଆଞ୍ଚଳିକସ୍ତରୀୟ ଆଇଟିଆଇ ଫେଷ୍ଟ ଉଦ୍‌ଘାଟିତ

ରାଉରକେଲା,୩/୨(ନି/ପ୍): ଆଜି ରାଉରକେଲା ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ପରିସରରେ ମଙ୍ଗଳବାର ଦିନ ଆଞ୍ଚଳିକ ସ୍ତରୀୟ ଆଇଟିଆଇ ଫେଷ୍ଟ-୨୦୨୬ ଓ ଆଞ୍ଚଳିକ ଆଥଲେଟିକ୍ସ ମିଟ୍ ଆନୁଷ୍ଠାନିକ ଭାବରେ ଉଦ୍ଘାଟିତ ହୋଇଯାଇଛି । ଦକ୍ଷତା ବିକାଶ, ବୈଷୟିକ ନବସୃଜନ ଏବଂ ବୃତ୍ତିଗତ ଉତ୍କର୍ଷତାର ଏକ ଚାରି ଦିବସୀୟ ଉତ୍ସବର ଆରମ୍ଭ । ଏହି ଫେଷ୍ଟ ଫେବୃଆରୀ ୬ ତାରିଖରେ ଶେଷ ହେବ । ଆଜିର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଫେଷ୍ଟକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟିତ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀ ତନ୍ତୀ ସୁବପିଡ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବୈଷୟିକ ଶିକ୍ଷା ଏବଂ ଦକ୍ଷତା-ଭିତ୍ତିକ ତାଲିମର ବର୍ଦ୍ଧିତ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ତନ୍ତୀ କହିଥିଲେ ଯେ, ଆଇଟିଆଇଗୁଡ଼ିକ ଏକ ଦକ୍ଷ କର୍ମଶକ୍ତି ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ଯାହା ଆଧୁନିକ ଶିଳ୍ପର ଚାହିଦା ପୂରଣ କରେ ଏବଂ ଆଞ୍ଚଳିକ ଏବଂ ଜାତୀୟ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଏ । ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଆଇଟିଆଇର ପ୍ରଶିକ୍ଷାର୍ଥୀ, ପ୍ରଶିକ୍ଷକ ଏବଂ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ବାଣିଜ୍ୟର ପ୍ରଶିକ୍ଷାର୍ଥୀଙ୍କ ବ୍ୟବହାରିକ ବିଶେଷଜ୍ଞତା ଏବଂ ସୃଜନଶୀଳତା ପ୍ରଦର୍ଶନ କରିବା ପାଇଁ ଫେଷ୍ଟ ସମୟରେ ବିଭିନ୍ନ ପ୍ରକାରର ବୈଷୟିକ ପ୍ରତିଯୋଗିତା, ଦକ୍ଷତା ପ୍ରଦର୍ଶନ, ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଉଦ୍ଘାଟନୀ ଉତ୍ସବରେ ଦକ୍ଷତା ବିକାଶ ବିଭାଗର ବରିଷ୍ଠ ଅଧିକାରୀ, ଆଇଟିଆଇର ଅଧକ୍ଷ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଆୟୋଜକମାନେ କହିଥିଲେ ଯେ ଏହି ମହୋତ୍ସବର ଲକ୍ଷ୍ୟ ନବସୃଜନକୁ ଉତ୍ସାହିତ କରିବା, ହାତପାଖିଆ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ପ୍ରଶିକ୍ଷାର୍ଥୀମାନଙ୍କୁ ଚିନ୍ତାଧାରା ଏବଂ ଅଭିଜ୍ଞତା ଆଦାନପ୍ରଦାନ ପାଇଁ ଏକ ମଂଚ ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଥିଲେ । ଆଞ୍ଚଳିକ ସ୍ତରୀୟ ଆଇଟିଆଇ ଫେଷ୍ଟ-୨୦୨୫ ଯୁବ ପ୍ରଶିକ୍ଷାର୍ଥୀମାନଙ୍କୁ ଶିଳ୍ପ ଆବଶ୍ୟକତା ସହିତ ବୈଷୟିକ ଦକ୍ଷତାରେ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା ଦେବା ସହିତ ବୃତ୍ତିଗତ ଶିକ୍ଷା ବିଷୟରେ ଅଧିକ ସଚେତନତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି ।

ମାଆ ତାରିଣୀଙ୍କ ୪୭ତମ ଜନ୍ମବାର୍ଷିକୀ ଓ ଅଷ୍ଟ ପ୍ରହରୀ ନାମଯଜ୍ଞ

ରାଉରକେଲା, ୩/୨(ନି/ପ୍): ପାନପୋଷ ରୋଡରେ ଥିବା ମାଆ ତାରିଣୀଙ୍କ ୪୭ତମ ଜନ୍ମବାର୍ଷିକୀ ପାଳନ ଅବସରରେ, ମନ୍ଦିର ପରିସରରେ ଅଷ୍ଟ ପ୍ରହରୀ ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ତିନି ଦିନିଆ କାର୍ଯ୍ୟକ୍ରମ ପାଇଁ ମନ୍ଦିର କମିଟି ପକ୍ଷରୁ ମାଆ ତାରିଣୀଙ୍କ ମନ୍ଦିରକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯିବା ସହିତ ମା'ଙ୍କୁ ଫୁଲରେ ସଜ୍ଜିତ କରାଯାଇଥିଲା ଏବଂ ମନ୍ଦିର ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ଫେବୃଆରୀ ୧ ତାରିଖ ଅପରାହ୍ନ ପୂର୍ବାହ୍ନ ରବିବାର ଦିନ ଅଷ୍ଟ ପ୍ରହରୀ ନାମଯଜ୍ଞର ଆୟୋଜନ କରାଯାଇଥିଲା । ରାଉରକେଲାର ବଣାଇଁ ଓ ସାରନଗରୀରୁ କୀର୍ତ୍ତନ ଦଳଗୁଡ଼ିକ ଅଷ୍ଟ ପ୍ରହରୀ ନାମଯଜ୍ଞ କରିଥିଲେ । ଫଳରେ ସକାଳରୁ ରାତି ୧୦ଟା ୩୦ ପର୍ଯ୍ୟନ୍ତ ମନ୍ଦିର ପରିସରରେ ମା'ଙ୍କ ଭକ୍ତମାନଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଅପରାହ୍ନ ଏବଂ ସନ୍ଧ୍ୟାରେ ମନ୍ଦିର କମିଟି ଦ୍ୱାରା ଏକ ବିଶାଳ ଅନ୍ନପ୍ରସାଦ ସେବନର ଆୟୋଜନ କରାଯାଇଥିଲା । ହଜାର ହଜାର ଭକ୍ତ ଅନ୍ନପ୍ରସାଦ ସେବନ କରିଥିଲେ । ଏହି ଅବସରରେ ତାରିଣୀ ମନ୍ଦିର କମିଟିର ମୁଖ୍ୟ ଟ୍ରଷ୍ଟି ନିର୍ମଳ ଚନ୍ଦ୍ର ରାଉତ ରାୟଙ୍କ ସମେତ ପ୍ରଭାତ ମିଶ୍ର, ଦେବ ବ୍ରତ ବିହାରୀ, ଋଷି ନାଥ ବିଶ୍ୱାଳ, ଜାଶୀନାଥ ସାହୁ, ବିଜୟ ସାମଲ, ବୁଦ୍ଧି ରାମ ମହାନ୍ତି, ବିଦ୍ୟ ସିଂହ ସାମଲ, ଅଖିଳ ଦାସ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ପୋଲିସ୍ କର୍ମଚାରୀଙ୍କ ଦ୍ୱାରା ପରିସ୍ଥିତିରେ ଜନ୍ମନି ଆସିଥିଲା ଏବଂ ସୋମବାର ଦିନ ନଗରକୀର୍ତ୍ତନ ଏବଂ ଯମୁନା ସ୍ନାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା

ସୁନ୍ଦରଗଡ଼ ମହୋତ୍ସବ ଯତରା-୨୦୨୬ର ପ୍ରସ୍ତୁତି ବୈଠକ : ଜିଲ୍ଲା ପ୍ରଶାସନର ସାମ୍ବାଦିକ ସମ୍ମିଳନୀ

ସୁନ୍ଦରଗଡ଼ ୩/୨(ନି/ପ୍): ଚଳିତ ଫେବୃଆରୀ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ନିକଟସ୍ଥ ଯତରା ପଡ଼ିଆ ଠାରେ ଆୟୋଜିତ ହେବାକୁ ଯାଉଛି ଜିଲ୍ଲା ମହୋତ୍ସବ ଯତରା - ୨୦୨୬ । ଏହି ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସବଜାବନା ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଡ଼ାକ୍ତର ଶୁଭଙ୍କର ମହାପାତ୍ର ଯତରା ଆୟୋଜନ ଉପରେ ଆଲୋଚନା କରିଥିଲେ । ଯତରା ଅବସରରେ ସହର ମଧ୍ୟରେ ସୁନ୍ଦର ଆଲୋକିକରଣ ବ୍ୟବସ୍ଥା ମଧ୍ୟ କରାଯିବ । ଏକ ସ୍ୱତନ୍ତ୍ର ମିନା ବଜାର ମଧ୍ୟ ଆୟୋଜିତ ହେବ । ସେହିଭଳି ସୁଭଦ୍ରା ଶକ୍ତି ମେଳା ମଧ୍ୟ ଆୟୋଜିତ ହେବ । ଏଥିରେ ସୁନ୍ଦରଗଡ଼ ଜିଲ୍ଲା ତଥା ବିଭିନ୍ନ ଅଂଚଳମାନଙ୍କରୁ ଙ୍କୁଯ ସହାୟକ ଗୋଷ୍ଠୀ ତଥା ଅନ୍ୟାନ୍ୟ ଉତ୍ପାଦକମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକ ମଧ୍ୟ ଉପଲବ୍ଧ ହେବ । ସେହିପରି ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲଗୁଡ଼ିକ ମଧ୍ୟ ରହିବ, ଯେଉଁଥିରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନଗୁଡ଼ିକ ଉପଲବ୍ଧ ହେବ । ସେହିଭଳି ଜିଲ୍ଲାପାଳ ଡ଼ାକ୍ତର ମହାପାତ୍ର ଏହି ପାଂଚ ଦିନିଆ ଜିଲ୍ଲା ମହୋତ୍ସବରେ ହେବାକୁ ଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଯତରାର ପ୍ରଥମ ଦିନରେ ଆଦିବାସୀ ନୃତ୍ୟ, ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟ ଏବଂ ଆସାମର ବିହୁ ନୃତ୍ୟ ରହିଛି । ତାରକା ରାତ୍ରିରେ ପ୍ରଖ୍ୟାତ କଣ୍ଠ ଶିଳ୍ପୀ ବୁଲୁ ସୁନା, ଅନ୍ତରା ଚକ୍ରବର୍ତ୍ତୀ ଓ ବର୍ଷାଳୀ ହୋତାଙ୍କ କାର୍ଯ୍ୟକ୍ରମ ରହିଛି । ଯତରା-୨୦୨୬ର ଦ୍ୱିତୀୟ ଦିବସରେ ଆଦିବାସୀ ନୃତ୍ୟ, ଢୁଢୁଆ ସାର୍ଥକ ସ୍କୁଲର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାଜସ୍ଥାନ ଲକ ଦ୍ୱାରା ଘୁମର ଓ ଲାଇବେଲିଆ ନୃତ୍ୟ ପରିବେଶଣ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ତାରକା ରାତ୍ରି କାର୍ଯ୍ୟକ୍ରମରେ କଣ୍ଠ ଶିଳ୍ପୀ ଏମ ଡି ଦାନିସଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ଯତରା ମହୋତ୍ସବର ତୃତୀୟ ଦିବସରେ ଆଦିବାସୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ବାଘ ନାଚ ଏବଂ ପଶ୍ଚିମ ବଙ୍ଗ ପୁଲୁଲିଆର ଛଉ ନୃତ୍ୟ ରହିଛି । ତାରକା ରାତ୍ରିରେ ପ୍ରଖ୍ୟାତ ବଲିଉଡ୍ କଣ୍ଠ ଶିଳ୍ପୀ ସୋନୁ ନିଗମଙ୍କ କାର୍ଯ୍ୟକ୍ରମ ରହିଛି । ଯତରା ମହୋତ୍ସବ-୨୦୨୬ର ଚତୁର୍ଥ ଦିବସରେ କୋୟା ନୃତ୍ୟ, ଘୁମୁରା ନୃତ୍ୟ, ସମ୍ବଲପୁରୀ ନୃତ୍ୟ ସହିତ ପଞ୍ଚାବର ନୃତ୍ୟ ଦଳ ଦ୍ୱାରା ଭାଙ୍ଗଡା ନୃତ୍ୟ ମଧ୍ୟ ରହିଛି । ଏଥିସହିତ ବଲିଉଡ୍ କଣ୍ଠ ଶିଳ୍ପୀ ପଲକ୍ ମୁଚ୍ଛଲଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯତରା ମହୋତ୍ସବର ପଂଚମ ଦିନରେ ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଘୁମୁରା ନୃତ୍ୟ ଏବଂ ମହାରାଷ୍ଟ୍ରର ଲାବନୀ ନୃତ୍ୟ ରହିଛି । ଏଥିସହିତ କଣ୍ଠ ଶିଳ୍ପୀ ମଟୁ ଛୁରିଆଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । ଏଥିସହିତ କାର୍ଯ୍ୟକ୍ରମରେ ଓଲିଉଡ ଅଭିନେତା ସୈଲେନ୍ଦ୍ର ଏବଂ ଭୂମିକା, ସ୍ୱରାଜ, ସୂର୍ଯ୍ୟମୟୀ, ବିଦ୍ୟା, କୁଳିକ ପ୍ରମୁଖ ମଧ୍ୟ ଅଂଶ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି । ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ । ସେହିଭଳିପ୍ରତ୍ୟେକ ସନ୍ଧ୍ୟାରେ ଜୁଲ ସ୍ତର ଯତରା କାର୍ଯ୍ୟକ୍ରମର ଗୋଟିଏ ଲେଖାଏଁ ବଳ ମଧ୍ୟ ଅଂଶ ଗ୍ରହଣ କରିବେ । ଏହା ସହିତ ଡ୍ରୋନ ଶୋ, ସ୍ୱାଣ୍ଡ ଆନିମେସନ ଆଦି ମଧ୍ୟ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ସୁନ୍ଦରଗଡ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ରନାଥ ମୁର୍ମୁ ପୋଲିସ ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ଏହି ସବୁ କାର୍ଯ୍ୟକ୍ରମଗୁଡ଼ିକୁ ଶାନ୍ତି ଶୃଙ୍ଖଳାର ସହ ସରସ ସୁନ୍ଦର ଭାବେ ଆୟୋଜନ କରିବା ନିମନ୍ତେ ଜିଲ୍ଲାପାଳ ଡ଼ାକ୍ତର ମହାପାତ୍ର ସମସ୍ତ ଜିଲ୍ଲାବାସୀଙ୍କର ସହଯୋଗ କାମନା କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ସୁରଜ୍ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଜନ୍ତ୍ର ସାହୁ, ସବର ଉପଜିଲ୍ଲାପାଳ ଶ୍ରୀମତୀ ଡେଇସ୍ମିନା ଦେବେରୋ, ପି ଏ ଆଇ ଟି ଡି ଏ ଧୀରେନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ପରିବାରର ସତସଙ୍ଗ,ବଣଭୋଜି ଓ ସହ ଯୋଗ ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ବଟ୍‌ନ



ରାଉରକେଲା,୩/୨(ନି/ପ୍): ରାଉରକେଲାର ସେକ୍ଟର -୨୦ ଡି ବ୍ଲକ ସ୍ଥିତ ସୋମନାଥ ମନ୍ଦିର ପରିସରରେ ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ସମିତିର ସତସଙ୍ଗ, ବଣଭୋଜି ଓ ଦ୍ୱାଦଶ ୨୦୨୫ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ବଟ୍‌ନ ରାଜ୍ୟ ସହ ପ୍ରଭାରୀ ଅଜୁର ମାର୍ଥାଙ୍କ ମାର୍ଗ ଦର୍ଶନରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜଗତର କଲ୍ୟାଣ ନିମନ୍ତେ ଯୋଗ ଶିକ୍ଷୟତ୍ରୀ ତପସ୍ୱୀନୀ ସାହୁ ଓ ପ୍ରଭାତୀ ଦେବେହାଙ୍କ ପୌରହିତ୍ୟରେ ଓ ଯଜମାନ ଜିଲ୍ଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ ଓ ତାଙ୍କ ସ୍ୱାମୀ ନଗେନ୍ଦ୍ରନାଥ ସ୍ୱାଇଁଙ୍କ ଦ୍ୱାରା ଯଜ୍ଞ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଶ୍ରୀ ମାର୍ଥା ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଯୋଗ ଓ ଯୋଗ ଦର୍ଶନ ର ଗୁରୁତ୍ୱତ୍ୱ ଉପରେ ଆଲୋକପାତ କରି ମାନବ ସମାଜକୁ ନିରୋଗ ଓ ସୁସ୍ଥ ରଖିବାପାଇଁ ଯୋଗ ଏକମାତ୍ର ମାର୍ଗ ବୋଲି କହିଥିଲେ । ସମସ୍ତେ ନୂତନ ଯୋଗ କେନ୍ଦ୍ର ଖୋଲିବା, ଯଜ୍ଞ କରିବା ଓ ଘରେ ଘରେ ଯୋଗ ପହଁଚାଇ ବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ମହିଳା ସଂଗଠନକୁ ସୁଦୃଢ କରିବା, ଜନତାଙ୍କୁ ଯୋଗରେ ଯୋଡ଼ିହେବାକୁ ପ୍ରୟାସ କରିବାକୁ କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବି. ଏସ. ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା ପି ଓ୍ୱାଇ ଏସ ପ୍ରଭାରୀ ପ୍ରଦୀପ୍ତ ସାହୁ, ଜି